

ଟିପ୍ପଣୀ

# ଏକକ : ୨ ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ

ସଂରଚନା

୨.୦ ଉପକ୍ରମ

୨.୦୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨. ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ପ୍ରଭାବିତ କରୁଥିବା ଉପାଦାନ

୨.୩. ସାରାଂଶ

୨.୪. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୨.୫. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୨.୬. ପାଠାନ୍ତ ପ୍ରଶ୍ନାବଳୀ

## ୨.୦. ଉପକ୍ରମ:

ଏକକ - ୧ ରେ ତୁମେ ସାମାଜିକ ବିଜ୍ଞାନର ପ୍ରକୃତି ଏବଂ ଏହାର ଉପାଦାନ - ଏହାର କ୍ରମବିକାଶ ଓ ଧାରଣା ସମ୍ବନ୍ଧରେ ଶିକ୍ଷଣ କରିଛ । ସମାଜର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ତୁମେ ମଧ୍ୟ ପଢି ସାରିଛ ।

ଆଜିର ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଆକାର ବିଷୟରେ ତୁମେ କେବେ ଭାବିଛ କି ? ବର୍ତ୍ତମାନର ପାଠ୍ୟକ୍ରମ କିପରି ଭାବରେ ବିକଶିତ ହୋଇଛି ? ସାମାଜିକ ବିଜ୍ଞାନର ବିଷୟବସ୍ତୁ କ୍ଷେତ୍ର ବ୍ୟାପକ ଏବଂ ଏହାର ବିଷୟବସ୍ତୁକୁ ଚୟନ କରିବା ହେଉଛି ଏକ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ଯେହେତୁ ଏହା ପିଲାମାନଙ୍କର ବିକାଶକୁ ପ୍ରଭାବିତ କରିଥାଏ । ନିଶ୍ଚିତ ଭାବେ, ବିଷୟବସ୍ତୁର ଚୟନ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ ଏବଂ ଶିକ୍ଷାର ଲକ୍ଷ୍ୟ ଆଧାରିତ । ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ପ୍ରସ୍ତୁତିରେ କ'ଣ ରହିବା ଉଚିତ୍ କିଏ ନିଷ୍ପତ୍ତି କରିଥାନ୍ତି ? ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ପ୍ରସ୍ତୁତି ପାଇଁ କେଉଁ କେଉଁ ଦିଗ, ଧାରଣା ଏବଂ ପରିପ୍ରେକ୍ଷୀର ଅବଦାନ ରହିଛି ? ଉପରୋକ୍ତ ଉକ୍ତିଗୁଡିକୁ ବୁଝିବା ତୁମକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ଉତ୍ତମରୂପେ ବୁଝିବାରେ ଏବଂ ବିଦ୍ୟାଳୟରେ ଶିକ୍ଷାଦାନ କରିବାରେ ସାହାଯ୍ୟ କରିବ ।

ସାମାଜିକ ବିଜ୍ଞାନ ବହୁ ସଂଖ୍ୟକ ବିଷୟ ଯଥା ଇତିହାସ, ଭୂଗୋଳ, ଅର୍ଥନୀତି, ରାଜନୀତି ବିଜ୍ଞାନ ଇତ୍ୟାଦିରୁ ବିଭିନ୍ନ ପ୍ରସଙ୍ଗଗୁଡିକୁ ସଂପୃକ୍ତ କରିଛି । ଏହି ଏକକରେ ଏହିସବୁ ବିଷୟକୁ ପ୍ରଭାବିତ କରୁଥିବା କାରକଗୁଡିକ ସଂକ୍ରାନ୍ତରେ ଏବଂ ଭାରତରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ବିଷୟରେ ଆମେ ଆଲୋଚନା କରିବା । ଆମେ ପରୀକ୍ଷା କରିବା ଯେ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟ ଗୁଡିକୁ ପରିବର୍ତ୍ତନ କରିବାପାଇଁ ଏହି ଉପାଦାନଗୁଡିକ କାର୍ଯ୍ୟ କରୁଛନ୍ତି କି ।

## ୨.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପାଠ କରିବା ପରେ ତୁମେ ସକ୍ଷମ ହେବ :

- ସାମାଜିକ ବିଜ୍ଞାନ ପାଠ୍ୟକ୍ରମର କ୍ରମବିକାଶକୁ ପ୍ରଭାବିତ କରୁଥିବା ଉପାଦାନଗୁଡିକୁ ଚିହ୍ନଟ କରିବାରେ
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ଔପନିବେଶିକ ଇଚ୍ଛାପତ୍ରର ପ୍ରଭାବକୁ ବର୍ଣ୍ଣନା କରିବାରେ
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ରାଷ୍ଟ୍ରବାଦୀଙ୍କର ପ୍ରଭାବକୁ ବର୍ଣ୍ଣନା କରିବାରେ

ଟିପ୍ପଣୀ

- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ଜାତୀୟ ସଂହତି ଏବଂ ଅନ୍ତଃରାଷ୍ଟ୍ରୀୟ ବୁଝାମଣାର ଧାରଣାଗୁଡିକର ପ୍ରଭାବକୁ ବର୍ଣ୍ଣନା କରିବାରେ
- ସାମାଜିକ ବିଜ୍ଞାନ ଉପରେ ଧର୍ମନିରପେକ୍ଷତା - ସାଂପ୍ରଦାୟିକତାର ପ୍ରଭାବକୁ ବୁଝାଇବାରେ
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ନିମ୍ନ ପଦସ୍ଥ ପରିପ୍ରେକ୍ଷଣର ପ୍ରଭାବକୁ ବର୍ଣ୍ଣନା କରିବାରେ
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ଲିଙ୍ଗ, ଜାତି ଏବଂ ଆଦିବାସୀ ପରିପ୍ରେକ୍ଷଣର ପ୍ରଭାବକୁ ଉଦାହରଣ ଦେଇ ବୁଝାଇବାରେ ।

## ୨.୨. ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ପ୍ରଭାବିତ କରୁଥିବା କାରକ ସମୂହ/ଉପାଦାନ ସମୂହ :

ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ଅନେକ ଉପାଦାନ ଯଥା:- ଧାରଣା ଏବଂ ବିଚାରଧାରା, ଘଟଣା ଏବଂ ସଂଘଟିତ କାର୍ଯ୍ୟ, ଆନ୍ଦୋଳନ ଏବଂ ବିପ୍ଳବ, ସଂଘର୍ଷ ଏବଂ ସମ୍ପର୍କ, ପରିବେଶ ଏବଂ ସମ୍ବଳ ଇତ୍ୟାଦି ଆକାର ପ୍ରଦାନ କରିଛନ୍ତି । ଭାରତରେ ଉନବିଂଶ ଶତାବ୍ଦୀରେ ଆଧୁନିକ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ଆରମ୍ଭ ପୂର୍ବରୁ ସାମାଜିକ ବିଜ୍ଞାନକୁ ଏକ ଅଲଗା ବିଷୟ ଭାବେ ଗ୍ରହଣ କରାଯାଉନଥିଲା । ଭାରତ ଏବଂ ଏହାର ଲୋକମାନଙ୍କ ସମ୍ପର୍କିତ ଜ୍ଞାନକୁ ଔପନିବେଶିକ ଶାସକମାନେ ଏପରି ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ, ଏହା ବ୍ରିଟିଶଙ୍କୁ ପ୍ରଭାବିତ କରିବା ସହିତ ଔପନିବେଶିକ ସରକାରର ସେମାନେ ଏକ ଦକ୍ଷ କିରାଣୀ ଏବଂ ଅଫିସର ଭାବେ ପରିଗଣିତ ହୋଇଥିଲେ । ଏହି ସମୟରେ, ରାଷ୍ଟ୍ରବାଦୀ ବିଚାରଧାରା, ଭାରତର ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଏବଂ ଲୋକନୀତି ଏବଂ ଗଣତନ୍ତ୍ର, ଭାରତର ସମ୍ବିଧାନରେ ସ୍ଥାପିତ ମୂଲ୍ୟବୋଧ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କ'ଣ ସାମିଲ କରାଯିବ ନିଷ୍ପତ୍ତିକୁ ପ୍ରଭାବିତ କରିଥିଲା । ଏହି ବିଷୟବସ୍ତୁରେ ଭାରତର ବିଶାଳକାୟ ଭିନ୍ନଜାତୀୟ/ ବିଜାତୀୟ ଜନସଂଖ୍ୟା, ସେମାନଙ୍କର ବିକାଶ ଏବଂ ସାମାଜିକ - ଅର୍ଥନୈତିକ ସ୍ଥିତି, ସାମାଜିକ ଆନ୍ଦୋଳନ ଏବଂ ସଂଘର୍ଷ ଇତ୍ୟାଦି ମଧ୍ୟ ଏହି ପାଠ୍ୟକ୍ରମରେ ସେମାନଙ୍କର ଛାପ ଛାଡିଥିଲେ । ପରିବେଶ, ସମ୍ବଳ, ରାଜନୀତି, କ୍ଷମତା ସଂଘର୍ଷ ଏବଂ ମାନବୀୟ ଭାବନାରେ ବିଶ୍ୱରେ ଭାରତର ସ୍ଥାନ ମଧ୍ୟ ସାମାଜିକ ବିଜ୍ଞାନରେ ବର୍ଣ୍ଣନା କରାଯାଇଛି । ଦେଶ ବହୁସଂଖ୍ୟକ ସମସ୍ୟାକୁ ସମ୍ମୁଖୀନ କରିଛି । ସମସ୍ୟା ଗୁଡିକ ଯଥା- ଜନସଂଖ୍ୟା ବିସ୍ଫୋରଣ, ଗରିବୀ, ସମାନତା, ଶୋଷଣ, ବିକାଶ ଏବଂ ସୂଚିତ ସୀମାକୁ ଅନ୍ତର୍ଭୁକ୍ତ କରୁଥିବା ସମସ୍ୟା ଇତ୍ୟାଦି । ଏହି ବିଷୟବସ୍ତୁଗୁଡିକ ମଧ୍ୟ ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ପ୍ରଭାବିତ କରିଛି ।

### ୨.୨.୧. ଔପନିବେଶିକ ଇଚ୍ଛାପତ୍ର ଏବଂ ରାଷ୍ଟ୍ରବାଦୀ ପରିପ୍ରେକ୍ଷଣ

ଭାରତରେ ଔପନିବେଶିକ ଯୁଗ ଭାରତରେ ସାମାଜିକ ବିଜ୍ଞାନର ବିକାଶକୁ ବହୁମାତ୍ରାରେ ପ୍ରଭାବିତ କରିଛି । ସେହି ସମୟରେ ସାମାଜିକ ବିଜ୍ଞାନ ଏକ ପୃଥକ ବିଷୟ ଭାବେ ପରିଗଣିତ ହେବା ସହିତ ଏହାର ଶିକ୍ଷା ସମ୍ବନ୍ଧୀୟ ଧାରଣାଗୁଡିକ ମଧ୍ୟ ଚୟନ କରାଗଲା । ଭାରତରେ ଇତିହାସ ଲିଖନର ଏକ ସୁଦୀର୍ଘ ପରମ୍ପରା ନାହିଁ । ଏହା ମଧ୍ୟ ଗ୍ରହଣ କରାଯାଇଛି ଯେ ବ୍ରିଟିଶ୍‌ମାନେ ପ୍ରଥମେ ଭାରତର ଇତିହାସ ଲେଖିଥିଲେ । ଏହାପରେ ଔପନିବେଶିକ ଶାସକମାନେ ସର୍ବେକ୍ଷଣ ଏବଂ ଜନଗଣନାର ଆଧୁନିକ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରି ଭାରତର ସମସ୍ତ ଜାଣତ ଏବଂ ଅଜାଣତ ଘଟଣା, ଚିତ୍ରଣ ଏବଂ ତଥ୍ୟଗୁଡିକର ସମ୍ପୂର୍ଣ୍ଣ ପରିସରକୁ ଏଥିରେ ଅନ୍ତର୍ଭୁକ୍ତ କରିଥିଲେ । ଭାରତ ଏବଂ ଏହାର ଲୋକମାନେ ନୂତନ ଆଲୋକ ମଧ୍ୟରେ ଦୃଶ୍ୟମାନ ହେଲେ । ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ପାଇଁ ମିଶ୍ରିତ ବିଷୟବସ୍ତୁ ପ୍ରସ୍ତୁତ କରିବା ଏବଂ ନିଜକୁ ଦେଶ ହିତୈଷୀ ଶାସକ ଭାବରେ ପ୍ରତିପାଦିତ କରିବା ଲକ୍ଷ୍ୟରେ ଔପନିବେଶିକ ଶାସକମାନେ ନିଜର ଅଭିଳାସ ଏବଂ ଉଦ୍ଦେଶ୍ୟ ସହିତ ଏହି ସମୃଦ୍ଧ ଜ୍ଞାନକୁ ମିଶ୍ରଣ କରିଥିଲେ ।

ସିନ୍ଧୁ ଉପତ୍ୟକାର ମାନବସଭ୍ୟତା ବିଷୟରେ ତୁମେ ଆଗରୁ ନିଶ୍ଚୟ ଅଧ୍ୟୟନ କରିଥିବ । ଇଣ୍ଡସ୍ ଉପତ୍ୟକାର ମାନବସଭ୍ୟତା ୩୩୦୦ BCE ରୁ 1300 BCE ପର୍ଯ୍ୟନ୍ତ ଭାରତୀୟ ଉପମହାଦେଶର ଉତ୍ତର - ପଶ୍ଚିମ ଅଂଶରେ ଏକ ବିଶାଳ ସ୍ଥଳଭାଗ ରୂପରେ ସମୃଦ୍ଧ ହୋଇଥିଲା ଏବଂ ଏହାକୁ ଭାରତର ପ୍ରଥମ ମୁଖ୍ୟ



ଟିପ୍ପଣୀ

ମାନବସଭ୍ୟତା ଭାବରେ ଗ୍ରହଣ କରାଯାଇଛି । ଏହି ପୁରାତନ ସଭ୍ୟତାର ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହିତ ଏକ ପ୍ରଗତିଶୀଳ ସହରୀ ସଂସ୍କୃତି ଥିଲା । ଆଧୁନିକ ବିଶ୍ୱ ୧୮୨୬ରେ ସିନ୍ଧୁ ସଭ୍ୟତା ବିଷୟରେ ପ୍ରଥମେ ଜାଣିଲେ ଯେତେବେଳେ ବ୍ରିଟିଶ ସେନାରୁ ବିତାଡିତ ଚାର୍ଲସ ମାସନ୍ ଆଧୁନିକ ହରପ୍ପା ନିକଟରେ ଧ୍ୱଂସ ପାଇଥିବା ଏକ ବିଶାଳ ସହରର ଇଟା ଗଦାକୁ ଝୁଣ୍ଟି ପଡିଥିଲେ । ସେହିଠାରୁ ଏହି ଐତିହାସିକ ପ୍ରତ୍ନତାତ୍ତ୍ୱିକ ସହରର ନାମକରଣ ହୋଇଛି । ୧୮୫୬ ରୁ ୧୮୭୨ ମଧ୍ୟରେ ହରପ୍ପାରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେର ନିର୍ଦ୍ଦେଶକ ସାର୍ ଆଲେକଜାଣ୍ଡାର କୁନିଙ୍ଗମ୍ ଛୋଟଛୋଟ ଉତ୍ଖନନ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହି ସ୍ଥାନର ଚତୁର୍ପାର୍ଶ୍ୱରେ ରହୁଥିବା ଲୋକେ ଧ୍ୱଂସାବଶେଷରୁ ପାଇଥିବା ଇଟାକୁ ଘର ନିର୍ମାଣ କରିବାରେ ପୁନର୍ବାର ବ୍ୟବହାର କରୁଥିଲେ । ସେହିସ୍ଥାନର ଇଟାରୁ ମଧ୍ୟ ୧୮୬୫ରେ କରାଚି – ଲାହୋର ରେଳପଥ ନିର୍ମାଣ କରାଯାଇଥିଲା । ୧୯୧୪ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ସାର୍ ଜନ୍ ମାର୍ଶାଲ୍ ହରପ୍ପାରେ ସର୍ବେକ୍ଷଣ କରି ଏକ ବିଶାଳ ସ୍ନାନାଗାର ଓ ଶସ୍ୟାଗାର ଠାବ କରିଥିଲେ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଜଣେ ଅଧିକାରୀ ଆର୍.ଡି. ବାନାର୍ଜୀ ୧୯୨୧-୧୯୨୨ରେ ପ୍ରଥମ କରି ମହେଞ୍ଜୋଦାରୋ ଆବିଷ୍କାର କରିଥିଲେ । ଏହିପରି ଭାବରେ ଆମେ ଭାରତର ପ୍ରସିଦ୍ଧ ପୂର୍ବତନ ଇତିହାସ ବିଷୟରେ ଜାଣିବାକୁ ପାଇଲେ ।

ଭାରତର ଇତିହାସରୁ ଅନ୍ୟ ଏକ ଉଦାହରଣ ନେବା । ବିଶ୍ୱ ଇତିହାସର ଜଣେ ଆଦର୍ଶ ଶାସକ ଭାବେ ଅଶୋକ ସୁପ୍ରସିଦ୍ଧ ଥିଲେ । ବ୍ରିଟିଶ୍ ଐତିହାସିକ H.G. Wells ଲେଖିଥିଲେ ଯେ "ଇତିହାସ ରୂପକ ସ୍ତମ୍ଭକୁ ହଜାର ହଜାର ଶାସକ ଘେରିରହି ଥିଲେ, ....କିନ୍ତୁ ଅଶୋକଙ୍କର ନାମ ଜାଜ୍ଜ୍ୱଲ୍ୟମାନ ଏବଂ ସମସ୍ତଙ୍କ ମଧ୍ୟରେ ସେ ଏକ ଉଜ୍ଜ୍ୱଳ ତାରକା ଭାବେ ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲେ । ମାତ୍ର ଅଶୋକ ଏବଂ ତାଙ୍କର କାର୍ଯ୍ୟକଳାପ ବୌଦ୍ଧିକ ସାହିତ୍ୟର କିମ୍ବଦନ୍ତୀ ବ୍ୟତିରେକ ବସ୍ତୁତଃ ଅଜଣା ଥିଲା, ଯାହାର ଐତିହାସିକ ନିର୍ଭୁଲତା ଏବଂ ସ୍ୱଷ୍ଟତା ନଥିଲା । ୧୮୩୭ ରେ ଜନ୍ ପ୍ରିନସେପ୍ ଦିଲ୍ଲୀର ଏକ ବୃହତ ପଥର ସ୍ତମ୍ଭ ଉପରେ ଖୋଦିତ ପ୍ରାଚୀନ ଶିଳାଲିପିକୁ ବର୍ଣ୍ଣନା କରାଇବାରେ ସଫଳ ହୋଇଥିଲେ । "

ପ୍ରିନ୍ସେପ୍‌ଙ୍କ ସଫଳତା ଅନ୍ୟାନ୍ୟ ଖୋଦିତ ଲିପି ସଂକ୍ରାନ୍ତରେ ଜାଣିବାକୁ କୌତୁହଳ ସୃଷ୍ଟି କରିଥିଲା । ସମଗ୍ର ଭାରତରେ (ଏବଂ ପାକିସ୍ତାନ, ଆଫଗାନିସ୍ତାନ ଓ ନେପାଳ) ବିଚ୍ଛୁରିତ ଏହି ଲିପି ନିଜକୁ ଭଗବାନଙ୍କ ପ୍ରିୟ 'ରାଜା ପିୟାଦାସୀ' ବୋଲି ପ୍ରଚାର କରୁଥିବା ଜଣେ ରାଜାଙ୍କ ଦ୍ୱାରା ଜାରି ଶିଳାଲେଖ ସମୂହ ହୋଇଥିବାର ପ୍ରମାଣ ମିଳେ । ଏହି ଭଗବାନଙ୍କ ପ୍ରିୟ ରାଜା ପିୟାଦାସୀଙ୍କ ପରିଚୟ ସମ୍ରାଟ ଅଶୋକଙ୍କ ସହ ମିଶୁଥିବାର ୧୯୧୫ରେ ଅନ୍ୟ ଏକ ଖୋଦେଇ ଆବିଷ୍କାରରୁ ଜଣାପଡିଥିଲା । ଉପନିବେଶବାଦ ସମୟରେ ଏହିସବୁ ଏବଂ ଅନ୍ୟାନ୍ୟ ଆବିଷ୍କାର ଭାରତୀୟ ଇତିହାସ ବିଷୟରେ ଥିବା ଧାରଣାକୁ ପରିବର୍ତ୍ତନ କରିଥିଲା । ଉପର ବର୍ଣ୍ଣିତ ଦୁଇଟି ଉଦାହରଣ ଅବତାରଣାରୁ ତୁମେ କି ଉପସଂହାରରେ ଉପନୀତ ହେବ ?

ଭାରତର ଇତିହାସକୁ ଲେଖିବା ପାଇଁ କିଛି ବ୍ରିଟିଶ୍ ପ୍ରଶାସକ ଏବଂ ଅଫିସର ସଚେତ ଉଦ୍ୟମ କରିଥିଲେ । ୧୭୮୪ରେ ୱାରେନ୍ ହେଷ୍ଟିଂସ୍, ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ଅଫିସର୍ ଉଇଲିୟମ ଜୋନ୍ସଙ୍କୁ କଲିକତା ଉଚ୍ଚନ୍ୟାୟାଳୟ ମୁଖ୍ୟ ବିଚାରପତି ନିଯୁକ୍ତି କରିଥିଲେ ଏବଂ ଭାରତୀୟ ଇତିହାସକୁ ଲେଖିବା ପାଇଁ ବିଧିନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ । ଜଣେ ଉଲ୍ଲେଖନୀୟ ବୁଦ୍ଧିଜୀବି ତଥା କ୍ଷମତାପୂର୍ଣ୍ଣ ବ୍ୟକ୍ତି ଉଇଲିୟମ୍ ଜୋନସ୍, ତତ୍‌କ୍ଷଣାତ୍ ବେଙ୍ଗଲ ଏସୀୟ ସମାଜ ସ୍ଥାପନ କରିଥିଲେ ଏବଂ ଏହା ତରଫରୁ ଭାରତୀୟ ଇତିହାସକୁ ଲେଖିବା ପାଇଁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଜୋନ୍ସଙ୍କ ଏହି ଉଦ୍ୟମକୁ ଅନେକ ଉତ୍ସାହୀ ସମର୍ଥନ କରିଥିଲେ । ତାଙ୍କ ସାଧନାର ସିଦ୍ଧି ସ୍ୱରୂପ ୧୭୮୮ ରେ ଏସୀୟ ଗବେଷଣା ନାମକ ଏକ ସାମୟିକ ପତ୍ରିକା ପ୍ରକାଶ ପାଇଥିଲା । ଏହି ପତ୍ରିକାଟି ସମାଜ ଦ୍ୱାରା ହେଉଥିବା ଗବେଷଣା ଏବଂ ସର୍ବେକ୍ଷଣକୁ ଲୋକଲୋଚନକୁ ଆଣିଥିଲା । ଫଳରେ ଲୋକମାନେ ପ୍ରାଚୀନ ଭାରତୀୟ ସମ୍ପଦ ବିଷୟରେ ଅବଗତ ହେଲେ । ନିରନ୍ତର କ୍ଷେତ୍ରକାର୍ଯ୍ୟ ଅନେକ ପ୍ରାଚୀନ କୀର୍ତ୍ତି ଓ ଅବଶେଷକୁ ଲୋକଲୋଚନକୁ ଆଣିଲା । ପରେ, ସେହି ସଦୃଶ ସମାଜ ମୁମ୍ବାଇ ଏବଂ ଚେନ୍ନାଇରେ ଆରମ୍ଭ ହୋଇଥିଲା । ୧୮୩୩ ରେ ପ୍ରିନ୍ସ ଜେମ୍ସ ଏସୀୟ ସମାଜର ସଚିବ ହୋଇଥିଲେ । ୧୮୩୪ ଏବଂ ୧୮୩୭ ମଧ୍ୟ ରେ ତାଙ୍କର ସବୁଠାରୁ ଘଟଣାବହୁଳ ସଫଳତା ଥିଲା ବ୍ରାହ୍ମି ଏବଂ ଖାରୋଷ୍ଟି ଲିପିର ଗୁଢଲେଖ

ଉନ୍ମୋଚନ ଏବଂ ରାଜା ଅଶୋକଙ୍କ ସହିତ ପ୍ରିୟାଦସିଙ୍କ ସାମଞ୍ଜସ୍ୟ । ଭାରତୀୟ ଇତିହାସକୁ ପୁନଃନିର୍ମାଣରେ ବେଙ୍ଗଲ ଏସୀୟ ସମାଜର ଅବଦାନ ବର୍ତ୍ତମାନ ମଧ ଜଣାଶୁଣା । ଉପନିବେଶବାଦ ସମୟରେ ମଧ ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷ ଗୁଡ଼ିକୁ ଆବିଷ୍କାର ଏବଂ ବୁଝିବା ପାଇଁ ପ୍ରଚେଷ୍ଟା ହୋଇଥିଲା ଯାହା ଭାରତୀୟ ଇତିହାସକୁ ପୁନଃନିର୍ମାଣ କରିବା ପାଇଁ ବାଟ କଢାଇଥିଲା । ବେଙ୍ଗଲ ଇଞ୍ଜିନିୟର୍ସର ଜଣେ ସେକେଣ୍ଡ୍ ଲେଫଟନାଣ୍ଟ ଥିବା କନିଂହାମ୍ ୧୮୬୧ ରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ପ୍ରଥମ ସର୍ବେକ୍ଷକ ନିଯୁକ୍ତ ହେବାପରଠାରୁ ପୂର୍ଣ୍ଣଭାବରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସୁଗମ ହୋଇଥିଲା । ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପରବର୍ତ୍ତୀ ସମୟରେ ସରକାରଙ୍କର ଏକ ପୃଥକ୍ ବିଭାଗ ହୋଇଥିଲା ଏବଂ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଏବଂ ସଂରକ୍ଷଣ କାର୍ଯ୍ୟକଳାପ ଗୁଡ଼ିକୁ ଆଗକୁ ନେଇଥିଲା ।

ଭାରତୀୟ ଇତିହାସର ପ୍ରଥମ ବ୍ୟାପକ ଲେଖା ପାଇଁ ଜେମ୍ସ୍ ମିଲ୍‌ଙ୍କୁ ଶ୍ରେୟ ଦିଆଯାଇଛି, ଯଦ୍ୟପି ସେ କେବେବି ଭାରତ ପରିଦର୍ଶନ କରିନଥିଲେ । ଯେତେବେଳେ ସେ ଇତିହାସ ଲେଖୁଥିଲେ, ଯାହା ଚିନ୍ତା କରୁଥିଲେ ତାହା ତାଙ୍କୁ ଅଧିକ ବସ୍ତୁନିଷ୍ଠ କରୁଥିଲା । ସେ ତାଙ୍କ କାର୍ଯ୍ୟ ୧୮୦୬ ରେ ଆରମ୍ଭ କରିଥିଲେ ଏବଂ ୧୮୧୮ରେ 'ବ୍ରିଟିଶ୍ ଶାସନାଧୀନ ଭାରତର ଇତିହାସ'ର ପ୍ରକାଶନ ଦ୍ୱାରା ସଂପୂର୍ଣ୍ଣ କରିଥିଲେ । ଅନେକ ବ୍ରିଟିଶ୍ ପ୍ରଶାସନ ଏବଂ ସେନା ଅଫିସର୍ ମାନେ ଭାରତୀୟ ଇତିହାସକୁ ଲେଖିବା ପାଇଁ ଚେଷ୍ଟା କରିଥିଲେ । ସେମାନଙ୍କ ମଧ୍ୟରୁ – ଜନ୍ ମାଲ୍‌କମ୍ (କେନ୍ଦ୍ରୀୟ ଭାରତର ସ୍ମୃତିରେଖା, ୧୮୨୪), କ୍ୟାପ୍‌ଟେନ୍ ଗ୍ରାଣ୍ଟ୍ ଡଫ୍ (ମରାଠାର ଇତିହାସ, ୧୮୨୬); ଜେନ୍ ବ୍ରିଗ୍ସ୍ (ଭାରତରେ ମହମ୍ମଦ, ମହମ୍ମଦୀୟ ଶକ୍ତିର ଉତ୍‌ଥାନ ୧୮୪୧) ମାଉଣ୍ଟ୍ ଷ୍ଟୁଆଟ ଏଲ୍‌ଫିନଷ୍ଟୋନ (ଭାରତ ଇତିହାସ, ୧୮୪୧) ଏବଂ ଜୋସେଫ୍ କନିଂହାମ୍ (ଶିଖ୍‌ର ଇତିହାସ, ୧୮୪୯) ଅନ୍ୟତମ ଉଭୟ ଭାରତ ଏବଂ ବିଦେଶରେ, ଏହି ବହି ସାଧାରଣ ଲୋକ / ଜନତାଙ୍କ ପାଇଁ ଭାରତୀୟ ଇତିହାସର ଜ୍ଞାନ ଏବଂ ସୂଚନାର ଉତ୍ସ ହୋଇଥିଲା । ଯେତେବେଳେ ଦେଶରେ ଇଂରାଜୀ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହେଲା, ବ୍ରିଟିଶ୍ ଲେଖକଙ୍କ ଦ୍ୱାରା ଲିଖିତ ଭାରତୀୟ ଇତିହାସକୁ ସାମାଜିକ ବିଜ୍ଞାନ ପାଠ୍ୟସୂଚୀରେ ବ୍ୟବହାର କରାଯାଇଥିଲା ।

ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୭୬୭ରେ ଭାରତରେ ସର୍ବେକ୍ଷଣ ସଂସ୍ଥା ସ୍ଥାପନ କରିଥିଲା ଦେଶକୁ ତନତନ ଅନୁସନ୍ଧାନ କରିବା ପାଇଁ ଏବଂ ସାମରିକ ଓ ବେସାମରିକ ଉଦ୍ଦେଶ୍ୟରେ ମାନଚିତ୍ର ପ୍ରସ୍ତୁତି ପାଇଁ । ସର୍ବେକ୍ଷଣ ଗୁଡିକ ଭାରତର ଭୂମି ଏବଂ ସମ୍ବଳର ସୂଚନା ପାଇଁ ସମୃଦ୍ଧ ଉତ୍ସ ହେଲା । ଏସବୁ ସୂଚନା, ବାଣିଜ୍ୟ ବ୍ୟବସାୟ ପାଇଁ, ଶାସନ ପାଇଁ, ଏବଂ ବିକାଶର ଯୋଜନା ପାଇଁ ପ୍ରାକୃତିକ ସମ୍ବଳ ବିନିଯୋଗ ନିମନ୍ତେ ଅତି ଗୁରୁତ୍ୱପୂର୍ଣ୍ଣ ହେଲା । ଦେଶର ସର୍ବେକ୍ଷଣରୁ ଉପଲବଧ ଜ୍ଞାନ ଏବଂ ସୂଚନା ଭୂମି ଏବଂ ଏହାର ଲୋକମାନଙ୍କୁ ନୂତନ ବୋଧଗମ୍ୟତା ପ୍ରଦାନ କରୁଥିଲା । ତୁମେମାନେ ଅନୁମାନ କରିପାରିବକି ଭାରତରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ବିଭିନ୍ନ ପ୍ରକାର ସର୍ବେକ୍ଷଣ କରିବାର ଉଦ୍ଦେଶ୍ୟ କ'ଣ ଥିଲା ?

ବର୍ତ୍ତମାନର ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ସେମାନେ ବାସ କରୁଥିବା ସ୍ଥାନ, ଭାରତର ବ୍ୟକ୍ତି, ଏହାର ନଦୀ, ପର୍ବତ, ଜଙ୍ଗଲ, କୃଷି, ଅର୍ଥନୈତିକ ଅବସ୍ଥା, ଜନସଂଖ୍ୟା, ଧର୍ମ, ସରକାର ଏବଂ ଅନ୍ୟାନ୍ୟ ବୈଶିଷ୍ଟ୍ୟ ଗୁଡିକୁ ବୋଧଗମ୍ୟ କରିବାରେ ସକ୍ଷମ କରାଇବା । ଏହିସବୁ କ୍ଷେତ୍ର ସଂକ୍ରାନ୍ତ ଜ୍ଞାନ ଏବଂ ବୋଧଗମ୍ୟତା ବର୍ତ୍ତମାନର ସାମାଜିକ ବିଜ୍ଞାନ ପାଠ୍ୟସୂଚୀର ଅଂଶ ଯାହା ବିଭିନ୍ନ ବିଷୟ ଯେପରି ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି ଇତ୍ୟାଦିରେ ଉପଲବ୍ଧ ।

ତୁମେମାନେ ଅବଗତ ଯେ ଭାରତ ଏକ ସମୃଦ୍ଧ ବିବିଧ ଜନସଂଖ୍ୟାର ଦେଶ । ଜନଗଣନା ହେଉଛି ଏକମାତ୍ର ମୁଖ୍ୟ ଉତ୍ସ ଯେଉଁଥିରୁ ଆମେ ଭାରତର ଲୋକଙ୍କ ସୂଚନା ଯଥା- ଭାରତରେ ବାସ କରୁଥିବା ଜନ, ଲିଙ୍ଗ ଅନୁପାତ, ସାକ୍ଷରତା ଏବଂ ଅନ୍ୟାନ୍ୟ ଗୁଣ ବିଷୟରେ ପାଇଥାଉ । ଏହି ସୂଚନା ଗୁଡିକ ଆମ ସମାଜ ବିଷୟରେ ଭଲଭାବରେ ବୁଝିବାରେ ସହାୟକ ହୁଅନ୍ତି । ତୁମେ କେବେ ଜନଗଣନାର ଫଳାଫଳକୁ ବିଶ୍ଳେଷଣ କରିଛ କି ? ଭାରତୀୟ ସମାଜକୁ ବୁଝିବା ଏବଂ ଜ୍ଞାନ ପ୍ରଦାନ କରିବାରେ ଜନଗଣନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଭାରତର ସର୍ବପ୍ରଥମ ଜନଗଣନା ୧୮୭୨ ମସିହାରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ।

ପରବର୍ତ୍ତୀ ଗଣନା ୧୮୮୧ରେ ହୋଇଥିଲା ଏବଂ ତାହା ପରେ ପ୍ରତି ୧୦ ବର୍ଷରେ ନିୟମିତ ରୂପେ ଥରେ ଜନଗଣନା କରାଯାଇ ଆସୁଅଛି । ଦେଶରେ ଜନଗଣନା ଦ୍ୱାରା ଯେଉଁ ଜ୍ଞାନ, ସୂଚନା ଏବଂ ବୋଧଗମ୍ୟତା ମିଳେ ତାହା ସାମାଜିକ ବିଜ୍ଞାନ ପାଠ୍ୟସୂଚୀକୁ ପ୍ରଭାବିତ ଓ ପ୍ରୋତ୍ସାହନ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଏ ।

୧୮୩୫ ମସିହାରେ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଭାରତୀୟ ଛାତ୍ରଛାତ୍ରୀଙ୍କୁ ପାଶ୍ଚାତ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଅଧ୍ୟୟନ କରିବା ଏବଂ ପ୍ରକୃତି ଓ ସମାଜକୁ ଅଧ୍ୟୟନ କରିବାରେ ଜଟିଳ ପଦ୍ଧତି ଅବଲମ୍ବନ କରିବାକୁ ସକ୍ଷମ କରାଇଥିଲା । ୧୮୫୪ରେ ଉଡ୍‌ସ୍ ଡିସ୍‌ପାଚ୍ ଦେଶରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ସୃଷ୍ଟି ପାଇଁ ପ୍ରଯତ୍ନ କରିବା ସହିତ ଶିକ୍ଷାର ବିଭିନ୍ନ ସ୍ତରରେ ପ୍ରଶାସନ ଏବଂ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲା । ୧୮୫୭ ପରେ ପରେ ଦେଶରେ ପ୍ରଥମ ତିନୋଟି ଆଧୁନିକ ବିଶ୍ୱବିଦ୍ୟାଳୟ ବମ୍ବେ (ମୁମ୍ବାଇ), କୋଲକାତା ଏବଂ ମାଡ୍ରାସ (ଚେନ୍ନାଇ) ରେ ସ୍ଥାପନ ହୋଇଥିଲା । ବ୍ରିଟିଶ୍ ସରକାର ମଧ ଦାୟିତ୍ୱବାନ ଶାସନ ନୀତି ବ୍ୟବସ୍ଥାର ସ୍ଥାପନ, ଯୋଗାଯୋଗ ଓ ପରିବହନର ନୂତନ ବ୍ୟବସ୍ଥା ସ୍ୱରୂପ ରେଳ ଏବଂ ଦୂରବାର୍ତ୍ତାର ସ୍ଥାପନ କରିଥିଲେ । ଆଇନ୍ ବ୍ୟବସ୍ଥା ଏବଂ କାର୍ଯ୍ୟପାଳିକାରୁ ନ୍ୟାୟପାଳିକାର ପୃଥକୀକରଣ ଇତ୍ୟାଦି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିକାଶ ହୋଇଥିଲା । ଏହା ସହିତ, ସାମାଜିକ ସଂସ୍କାର ପାଇଁ ବାଳିକା ଶିକ୍ଷା ସୁବିଧା, ସତୀଦାହ ପ୍ରଥା ଉଚ୍ଛେଦ ଇତ୍ୟାଦି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ସମୟରେ, ଭାରତରେ ସଂସ୍କୃତି ଏବଂ ସ୍ଥାପତ୍ୟର ନବୀକରଣ କରାଯାଇଥିଲା । ଭାରତର ବହୁଳ ପବିତ୍ର ଏବଂ ଧାର୍ମିକ ଗ୍ରନ୍ଥଗୁଡିକ ଉଭରୋପୀୟ ଭାଷାରେ ଅନୁବାଦ କରାଯାଇଥିଲା ଏବଂ ଭାରତୀୟ ସଭ୍ୟତା ଉପରେ ନୂତନ ଆଲୋକପାତ କରିଥିଲା । ଜର୍ମାନ୍ ପ୍ରାଚ୍ୟବିତ୍ ମାକ୍ସ ମୁଲାର, ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ସେ 'Sacred Books of the East. ସିରିଜ୍ ପ୍ରକାଶ କରିଥିଲେ । ବିଭିନ୍ନ କ୍ଷେତ୍ର ଯଥା :- ପ୍ରତ୍ନତତ୍ତ୍ୱ, ସଂସ୍କୃତି, ସ୍ଥାପତ୍ୟ, ଭାରତର ଭୂମି ଏବଂ ପ୍ରାକୃତିକ ସମ୍ବଳର ସର୍ବେକ୍ଷଣ  ଜନସଂଖ୍ୟା, ଭାରତର ଶାସନ ନୀତିର ପରିବର୍ତ୍ତନ, ଶିକ୍ଷା, ପରିବହନ ଏବଂ ଯୋଗାଯୋଗ ଏବଂ ସାମାଜିକ ସଂସ୍କାର କାର୍ଯ୍ୟକ୍ରମର ବିକାଶ ସାମାଜିକ ବିଜ୍ଞାନ ପାଠ୍ୟସୂଚୀ ଏବଂ ସାମାଜିକ ବିଜ୍ଞାନ ଅଧ୍ୟୟନକୁ ପ୍ରଭାବିତ କରିଥିଲା ।

**ରାଷ୍ଟ୍ରବାଦୀ ବିକଳ୍ପ :**

ବ୍ରିଟିଶ୍ ସରକାର ଉପର ବର୍ଣ୍ଣିତ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବାର ଏକମାତ୍ର ଲକ୍ଷ୍ୟ ଦେଶକୁ ବିକଶିତ କରିବା ନଥିଲା । ଏଥି ମଧ୍ୟରୁ ବହୁ କାର୍ଯ୍ୟକ୍ରମଗୁଡିକ ଭାରତରେ ଇଂରାଜୀ ଶାସନର ଯଥାର୍ଥତାକୁ ପ୍ରତିପାଦିତ କରୁଥିଲା । ଔପନିବେଶିକ ଶାସକମାନେ ଭାରତରେ ତାଙ୍କର ଶାସନ ଚିରସ୍ଥାୟୀ, ବିଚାରବନ୍ତ ଯୁକ୍ତି ଗୁଡିକ ଅଗ୍ରିମ ହେଉ ବୋଲି ଆଶା କରିଥିଲେ । ରୁଦ୍ୟାର୍ଡ କିପ୍‌ଲିଂଙ୍କର " White man's burden" / "ଧଳା ଲୋକ/ ବ୍ୟକ୍ତିଙ୍କ ବୋଝ" କୁ ସାମ୍ରାଜ୍ୟବାଦକୁ ଏକ ମହାନ ଅବଦାନ ରୂପେ ନ୍ୟାୟସଂଗତ କରିବା ପାଇଁ ପ୍ରୟାସ କରାଯାଇଥିଲା ଯେ ଧଳା ଲୋକମାନେ ସ୍ଥାନୀୟ ଲୋକଙ୍କ ଲାଭ ପାଇଁ ଉପନିବେଶ ସ୍ଥାପନ ଏବଂ ଅନ୍ୟ ରାଷ୍ଟ୍ର ଉପରେ ଶାସନ କରିବା ଉଚିତ୍ । ଭାରତୀୟ ସଂସ୍କୃତି ଏବଂ ସମାଜକୁ ନ୍ୟୂନ କରି ଦେଖାଇବାରେ ସୁଚିନ୍ତିତ ପ୍ରୟାସକୁ ବହୁ ଶିକ୍ଷିତ ଭାରତୀୟ ଦେଖିପାରିଥିଲେ ।

ମାକୁଲେ ଲେଖିଥିଲେ: " ମୋର ସଂସ୍କୃତ ଓ ଆରବିକ୍‌ରେ କୌଣସି ଜ୍ଞାନ ନାହିଁ- କିନ୍ତୁ ମୁଁ ସେମାନଙ୍କର ମୂଲ୍ୟବୋଧର ସଠିକ୍ ଆକଳନ ନିମନ୍ତେ ଯାହା ପାରିଲି କରିଅଛି । ମୁଁ ଅନେକ ପ୍ରଖ୍ୟାତ ଆରବିକ୍ ଏବଂ ସଂସ୍କୃତ କାର୍ଯ୍ୟର ଅନୁବାଦ ପଢିଛି । ମୁଁ ପୂର୍ବ ଭାଷା ଗୁଡିକରେ ନିଜର ପ୍ରବୀଣତାରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହିତ ଉଭୟ ଏଠାରେ ଏବଂ ଘରେ ବାର୍ତ୍ତାଳାପ କରିଛି । ମୁଁ ପ୍ରାଚୀନତାର ମୂଲ୍ୟାଙ୍କନ ଉପରେ ମୌଖିକ ଶିଖିବା ପାଇଁ ପ୍ରସ୍ତୁତ ଅଛି । ମୁଁ ସେମାନଙ୍କ ମଧ୍ୟରୁ ଜଣକୁ ବି ପାଇ ନାହିଁ ଯିଏକି ମନା କରିପାରିବେ କି ଏକ ଭଲ ୟୁରୋପୀୟ ପୁସ୍ତକାଳୟର ଏକ ଥାକ ଭାରତୀୟ ଏବଂ ଆରବୀୟ ମୂଳ ସାହିତ୍ୟ ପରିଥିଲା । ପଶ୍ଚିମ ସାହିତ୍ୟର ଆନ୍ତରିକ ଶ୍ରେଷ୍ଠତା ବାସ୍ତବରେ ସମିତିର ଏହି ସଦସ୍ୟଙ୍କ ଦ୍ୱାରା ସ୍ୱୀକାର କରାଯାଇଥାଏ ଯାହା ଶିକ୍ଷାର ପ୍ରାଚୀନତାର ଯୋଜନାକୁ ସମର୍ଥନ କରିଥାଏ । (ମାକୁଲେଙ୍କର ମିନିଟ୍, ୧୮୩୫)" ମାକୁଲେଙ୍କର ଏହି

ମନ୍ତବ୍ୟ ବିଷୟରେ ତୁମେ କ'ଣ ଚିନ୍ତା କରୁଛ ?

**Source:Thomas Babington Macaulay,Minute on Education,in *Through Indian 'Eyes: The Living Tradition*,Donald J.Johnson,et al.(New York:CITE Books,1992).**

ଉତ୍ସ : ଥୋମାସ୍ ବାବିଙ୍ଗଟନ୍ ମାକୁଲେ, "ମିନିଟ୍ ଅନ୍ ଏଜୁକେସନ୍" ଭାରତୀୟଙ୍କ ଦୃଷ୍ଟିରେ ଦି ଲିଭିଙ୍ଗ୍ ଟ୍ରାଡିସନ୍, ଡୋନାଲ୍ଡ ଜେ. ଜନ୍‌ସନ୍ ଇତ୍ୟାଦି (ନିଉୟୋର୍କ : CIIE Books, 1992).

ଯେତେବେଳେ ଅନେକ ଇଂରେଜ ଲେଖକ ଏବଂ ପ୍ରଶାସକ ଇତିହାସକୁ ଲେଖନ୍ତି ଏବଂ ସାମାଜିକ ଏବଂ ଧାର୍ମିକ ଅଭ୍ୟାସକୁ ବ୍ୟାଖ୍ୟା କରନ୍ତି ସେମାନେ ଭାରତୀୟ ଜୀବନ ଏବଂ ସଂସ୍କୃତିର ନକାରାତ୍ମକ ଉପାଦାନ ଗୁଡ଼ିକୁ ଅତିରଞ୍ଜିତ କରିବା ପାଇଁ ଚେଷ୍ଟା କରିଥାନ୍ତି ଏବଂ ଇଂରେଜ ଏବଂ ଇଉରୋପୀୟ ମାନଙ୍କ ଶୈଳୀରେ ସେମାନେ ଦର୍ଶାଇଥାନ୍ତି ଯେ ବାସ୍ତବରେ ଇଂରେଜ ଶାସନ ଭାରତପାଇଁ ଉପଯୋଗୀ ଅଟେ । ଜାତୀୟତାବାଦୀ ମନୋଭାବର ଭାରତୀୟମାନେ ଏହି ସ୍ଥିତିକୁ ଗ୍ରହଣ କରିନଥାନ୍ତି । ସେମାନେ ଚାହାଁନ୍ତି, ଭାରତୀୟମାନେ ସେମାନଙ୍କର ନିଜର ଇତିହାସକୁ ଲେଖନ୍ତୁ ଏବଂ ସେମାନଙ୍କର ସଂସ୍କୃତିକୁ ବ୍ୟାଖ୍ୟା କରନ୍ତୁ ।

ଐତିହାସିକ ଘଟଣାଗୁଡିକ ବିଭିନ୍ନ ଶୈଳୀରେ ବ୍ୟାଖ୍ୟା କରିହେବ ବୋଲି ତୁମେ ଭାବୁଛ କି ? ୧୮୫୭ ର ବିଦ୍ରୋହକୁ ତୁମେ କିପରି ବ୍ୟାଖ୍ୟା କରିବ ? ଅନେକ ଇଂରାଜୀ ଐତିହାସିକ ବ୍ୟାଖ୍ୟା କରିବା ପରି ଏହା କେବଳ ଏକ ସିପାହୀ ବିଦ୍ରୋହ ଥିଲା କି ? ଅଥବା ଜାତୀୟତାବାଦୀ ଐତିହାସିକଙ୍କ ଦ୍ୱାରା ବ୍ୟାଖ୍ୟା କରାଯିବା ପରି ଏହା ତା'ଠାରୁ ଅଧିକ, ଭାରତୀୟଙ୍କ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା ? ତୁମ ଉତ୍ତରର ଯଥାର୍ଥତା ପ୍ରତିପାଦନ କର ।

ଭାରତର ଇତିହାସ ସଭ୍ୟତା, ସଂସ୍କୃତି ଏବଂ ସ୍ଥାପତ୍ୟକୁ ଇଂରେଜ ଶୈଳୀର ବ୍ୟାଖ୍ୟା କରିବାକୁ ଭାରତୀୟ ଜାତୀୟତାବାଦୀମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେମାନେ ଭାରତର ଅର୍ଥନୀତି / ଆର୍ଥିକ ହିତ, ରାଜନୈତିକ ପରିପକ୍ୱତା ଏବଂ ଏହାର ଲୋକମାନଙ୍କର ଆକାଂକ୍ଷାକୁ ନେଇ ବିଭିନ୍ନ ମତ ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ସେହିମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତି ଯିଏ ଭାରତୀୟଙ୍କ ଦୃଷ୍ଟିରେ ଭାରତୀୟ ଜାତୀୟ ଇତିହାସର ରଚନା ହେବା ଆବଶ୍ୟକ ବୋଲି ଗୁରୁତ୍ୱ ଦେଇଥିଲେ । ସେ ଲକ୍ଷ୍ୟ କରିଥିଲେ: ଇଂରାଜୀ ଲେଖକଙ୍କ ଦ୍ୱାରା ଲିଖିତ ଆମ ଦେଶର ଇତିହାସ ଆମର ପତନକୁ ଦର୍ଶାଉଥିଲେ ହେଁ ଆମ ମନକୁ ଦୁର୍ବଳ କରିପାରିବ ନାହିଁ । ଆମ ପରମ୍ପରା, ପ୍ରଥା, ଧର୍ମ, ଦର୍ଶନକୁ ବୁଝିନଥିବା ବିଦେଶୀମାନେ କିପରି ଭାବରେ ଭାରତର ବିଶ୍ୱସ୍ତ ଓ ନିରପେକ୍ଷ ଇତିହାସ ରଚନା କରିପାରିବେ, ଭାରତର ଇତିହାସକୁ କେବଳ ଭାରତୀୟମାନେ ରଚନା କରିପାରିବେ ।

ଜାତୀୟତାବାଦୀମାନେ ଅନୁଭବ କଲେ ଭାରତୀୟ ଇତିହାସର ବ୍ରିଟିଶ୍ ଲେଖକମାନେ ଭାରତରେ ବିଦେଶୀ ଆକ୍ରମଣ, ଜାତି ବ୍ୟବସ୍ଥା ପରି ସାମାଜିକ ପ୍ରଥାର ନକାରାତ୍ମକ ତତ୍ତ୍ୱ, ଅସ୍ପୃଶ୍ୟତାର ଅଭ୍ୟାସ, ବୌଦ୍ଧିକ ବିଚାର ବିମର୍ଶର ଦୃଷ୍ଟିକୋଣ ଏବଂ ସଂସ୍କୃତର ଉପଯୋଗ ପ୍ରତି ଜୋର୍‌ଦେବାକୁ ପ୍ରୟାସ କରିଥିଲେ । ସେମାନେ ଏହି ବିଷୟ ଉପରେ ଧ୍ୟାନ ଦେବାକୁ ଭୁଲି ଯାଇଥିଲେ ଯେ ଭାରତୀୟମାନେ ବିଦେଶୀ ବିଦ୍ରୋହର ବିରୋଧ କିପରି କଲେ, ଲଗାତାର ଆକ୍ରମଣକୁ ପ୍ରତିହତ କରି ତିଷ୍ଠି ପାରିଲେ । ହଜାର ଜହାର ବର୍ଷ ଧରି ସମୟର କଷଟିରେ ଦୃଢ ଓ ସଶକ୍ତ ଥିବା ସାମାଜିକ ବ୍ୟବସ୍ଥାର ମହାନତା ଏବଂ ପୂରା ଉପମହାଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ହଜାର ହଜାର ବର୍ଷ ଧରି ସଂସ୍କୃତ କିପରି ଅନନ୍ୟ ଓ ପ୍ରାରମ୍ଭିକ ଭାଷା ମଧ୍ୟରେ ଅନ୍ୟତମ ଥିଲା । ଜାତୀୟତାବାଦୀମାନେ ଜାତୀୟ ଇତିହାସକୁ ଦେଶର ଆଚାର, ମୂଲ୍ୟ ଏବଂ ପରମ୍ପରା ଉପରେ କବ୍‌ଜା କରିବା ଉଦ୍ଦେଶ୍ୟରେ ଲେଖିବା ପାଇଁ ଚାହୁଁଥିଲେ ଯାହା ରାଷ୍ଟ୍ରର ପରିଚୟକୁ ବଢାଇବ । ବଙ୍କିମ୍ ଚନ୍ଦ୍ର ଚାଟାର୍ଜି, ଯଦିଓ ଔପନିବେଶ ସରକାରରେ ଜଣେ ଅଧିକାରୀ ଥିଲେ, ଭାରତର ସାଂସ୍କୃତିକ ଓ ଧାର୍ମିକ ପୁନରୁଥାନକୁ ଦୃଢ ଭାବରେ ସମର୍ଥନ କରୁଥିଲେ । ତାଙ୍କର "ବନ୍ଦେ ମାତରମ୍" ଭାରତୀୟ ଜାତିୟତାବାଦ ପାଇଁ ଉଲ୍ଲେଖନୀୟ ଥିଲା ।

ଅନେକ ରାଷ୍ଟ୍ରବାଦୀ ନେତା ସାମାଜିକ ବିକାଶର ବିକଳ୍ପ ନମୁନାର ପ୍ରସ୍ତାବ ଦେଇଥିଲେ । ଗୋଖଲେ, ଦେଶରେ

ସାର୍ବଭୌମିକ ପ୍ରାରମ୍ଭିକ ଶିକ୍ଷାର ଦାବି କରିଥିଲେ । ବରୋଦାର ମହାରାଜା ଶିବାଜୀ ରାଓ ଗାଏକୱାଡ୍ ତାଙ୍କ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରିଥିଲେ । ମହାତ୍ମା ଗାନ୍ଧୀ ଭାରତରେ ଶିକ୍ଷା ପାଇଁ ଏକ ବିସ୍ତୃତ ଯୋଜନା "ମୌଳିକ ଶିକ୍ଷା" ପ୍ରସ୍ତୁତ କରିଥିଲେ । ଅନ୍ୟ ରାଷ୍ଟ୍ରବାଦୀନେତାମାନେ ଶିକ୍ଷା ପ୍ରଦାନ କରିବା ପାଇଁ ଶିକ୍ଷଣୀୟ ସଂସ୍ଥାନ ସ୍ଥାପନ କରିଥିଲେ ଯେଉଁଟି ଛାତ୍ରଛାତ୍ରୀମାନଙ୍କୁ ନିଜର ଭାଗ୍ୟ ତିଆରି କରିବା ପାଇଁ ଗର୍ବିତ ଏବଂ ଆତ୍ମ ବିଶ୍ୱାସୀ କରିପାରିବ । ଫଳରେ ସେମାନେ ଇଂରେଜମାନଙ୍କୁ ସେମାନଙ୍କର ଭାଗ୍ୟ ନିୟନ୍ତା ଏବଂ ଜୀବନ ପ୍ରଦାନକାରୀ ଭାବରେ ବିଚାର କରିବେ ନାହିଁ । ଇଂରେଜ କିରାଣୀ ତିଆରି ଶିକ୍ଷାରୁ ପୂର୍ଣ୍ଣ ନାଗରିକ ତିଆରି ବ୍ୟବସ୍ଥା ଆଡକୁ ଯିବା ପାଇଁ ଯାହା ଭାରତୀୟ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ ଓ ଐତିହାସିକ ଭାବରେ ଯୋଗ୍ୟ କରିବ । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ଦୟାନନ୍ଦ ଆଂଗ୍ଲୋ ବେଦିକ୍ ଆନ୍ଦୋଳନ ହେଉଛି ଅନ୍ୟ ଏକ ବିକଳ୍ପ ଯେଉଁଟି ସାମାଜିକ- ଧାର୍ମିକ ଏବଂ ଶିକ୍ଷାଗତ ସଂସ୍କାର ଆଣିବାକୁ ଉଦ୍ୟମ କରିଥିଲା । ଭାରତରେ ସାମାଜିକ - ଧାର୍ମିକ ସଂସ୍କାର ଆଣିବା ପାଇଁ ମଧ୍ୟ ଆର୍ଯ୍ୟ ସମାଜ ଏବଂ ବ୍ରାହ୍ମ ସମାଜ ଉଦ୍ୟମ କରିଥିଲା । ଏହା ବ୍ୟତୀତ, ଅନେକ ବ୍ୟକ୍ତି ବିକଳ୍ପ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରୟାସ କରିଥିଲେ ଯାହାର କେନ୍ଦ୍ର ଭାରତୀୟ ଜାତୀୟତାବାଦ ଥିଲା ।

ମହାତ୍ମା ଗାନ୍ଧୀ ଭାରତ ପାଇଁ ସାମାଜିକ ଏବଂ ଆର୍ଥିକ ବିକାଶର ଏକ ନୂତନ ପ୍ରତିରୂପର ପ୍ରସ୍ତାବ ଦେଇଥିଲେ । ତାଙ୍କ ଗଠନରେ ଶିଳ୍ପାୟନ ଏବଂ ପାଶ୍ଚାତ୍ୟ ପଦ୍ଧତିର କୌଣସି ସ୍ଥାନ ନଥିଲା । ତାଙ୍କ ସ୍ୱାଧୀନତାର ଧାରଣାରେ ଆର୍ଥିକ ଏବଂ ସାମାଜିକ ସ୍ୱାଧୀନତା ମଧ୍ୟ ସାମିଲ୍ ଥିଲା । ତାଙ୍କ ବିଚାର ଥିଲା ଯେ ଭାରତୀୟ ଗାଁକୁ ପର୍ଯ୍ୟାପ୍ତ ଆତ୍ମନିର୍ଭରଶୀଳ ଏକକରେ ବଦଳାଇବା ଯେଉଁଠାରେ ସମସ୍ତ ବ୍ୟକ୍ତି କୌଣସି ଶୋଷଣ ବିନା ଏକ ପ୍ରତିଷ୍ଠିତ ଜୀବନ ଜୀଇଁବାରେ ସକ୍ଷମ ହେବେ । ଯେତେବେଳେ ସ୍ୱାଧୀନତା ପାଇଁ ଜାତୀୟତାବାଦୀ ଅଭିଯାନ ଗଣ ଆନ୍ଦୋଳନର ରୂପ ନେଲା ସେତେବେଳେ ରାଜନୈତିକ କ୍ଷମତା ଏବଂ ପୂର୍ଣ୍ଣ ସ୍ୱାଧୀନତା ସହିତ ଜାତୀୟତାବାଦୀଙ୍କ ସାମାଜିକ ଓ ଆର୍ଥିକ ମତାମତ ଦୃଢ ବିକଳ୍ପ ଭାବେ ଉଭା ହେଲା । ରାଷ୍ଟ୍ରବାଦୀ ଭାବନା ଏବଂ ବିକଳ୍ପଗୁଡିକ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ବିଶେଷ ପ୍ରଭାବ ପକାଇଥିଲା ।

**କ୍ରିୟାକଳାପ -୧**

୧. ଭାରତର ଲୋକମାନଙ୍କ ମଧ୍ୟରେ ତୁମେ ଲକ୍ଷ୍ୟ କରିଥିବା କେତେକ ବିବିଧତାର ସୂଚୀ ପ୍ରସ୍ତୁତ କର ?

୨. ଭାରତୀୟଙ୍କ ମଧ୍ୟରେ ଏହି ପ୍ରକାର ବିବିଧତାର ପରିଣତି ଏବଂ ସୁଯୋଗମାନ କ'ଣ ?

୩. ତୁମର ପଞ୍ଚାୟତ, ବ୍ଲକ୍ କିମ୍ବା ତାଲୁକର ନୂତନ ଜନଗଣନା ରିପୋର୍ଟ ସଂଗ୍ରହ କର । ତୁମେ ନିଜ ଅଞ୍ଚଳରେ ବାସ କରୁଥିବା ଲୋକସଂଖ୍ୟା, କେଉଁ ହାରରେ ତୁମ ସ୍ଥାନର ଜନସଂଖ୍ୟା ବୃଦ୍ଧି ପାଉଛି ତାହା ନିର୍ଣ୍ଣୟ କରିପାରିବ । ତୁମେ ମଧ୍ୟ ସେମାନେ କେଉଁ ଗୋଷ୍ଠୀ ଓ ଧର୍ମର, ସେମାନଙ୍କ ସାକ୍ଷରତା ହାର, ଲିଙ୍ଗ ହାର ଇତ୍ୟାଦି ଜାଣି ପାରିବ । ଏହି କ୍ରିୟାକଳାପ ପରେ ତୁମ ଅଞ୍ଚଳର ଲୋକଙ୍କ ବିଶେଷତ୍ୱ / ସ୍ଥିତିର ସମୀକ୍ଷା କରି ଲେଖ ।

**ନିଜ ଅଗ୍ରଗତି ଆକଳନ - ୧**

୧. ଭାରତର ଇତିହାସକୁ ଲେଖିଥିବା ପ୍ରଥମ ବ୍ୟକ୍ତି କିଏ ଥିଲେ ?

୨. ଅଶୋକଙ୍କର ଶିଳାଲେଖର ଗୁଢ଼ଲେଖ ଆଦେଶକୁ ବୁଝିବା ବାଲା ପ୍ରଥମ ବ୍ୟକ୍ତି କିଏ ଥିଲେ ?

୩. ଭାରତୀୟ ସର୍ବେକ୍ଷଣ ସଂସ୍ଥା କାହିଁକି ସ୍ଥାପିତ କରାଯାଇଥିଲା ?

୪. କେଉଁ ଭାରତୀୟ ଶାସକ ପ୍ରଥମେ ନିଜ ରାଜ୍ୟରେ ପ୍ରାରମ୍ଭିକ ଶିକ୍ଷାକୁ ବାଧ୍ୟତାମୂଳକ କରିଥିଲେ ।

**୨.୨.୨. ସ୍ୱାଧୀନୋତ୍ତର ସାମାଜିକ ବିଜ୍ଞାନ ପାଠ୍ୟକ୍ରମର କ୍ରମବିକାଶ:**

ସ୍ୱାଧୀନତା ଏହା ସହିତ ଉତ୍ତରଦାୟିତ୍ୱ ଯଥା- ଆମ ନିଜ ବ୍ୟାପାର ପରିଚାଳନା, ସ୍ୱ- ଶାସନ ନୀତି, ଏକ ନୂତନ ଗଣତନ୍ତ୍ର ଗଠନ ପାଇଁ ଆବଶ୍ୟକୀୟ ଜ୍ଞାନ ଓ ଦକ୍ଷତା ବିକାଶ ଏବଂ ଆମ ନିଜ ଶିକ୍ଷା ବ୍ୟବସ୍ଥାକୁ ରୂପାଙ୍କିତ

ଟିପ୍ପଣୀ

କରିବାର ଦାୟିତ୍ୱ ଇତ୍ୟାଦି ଆଣିଲା । ଏକ ଦୀର୍ଘ ସଂଘର୍ଷ ପରେ ଭାରତର ସ୍ୱାଧୀନତା ହାସଲ କରାଯାଇଥିଲା । ଭାରତର ସ୍ୱାଧୀନତାର ସଂଘର୍ଷକୁ ପରିଚାଳିତ କରୁଥିବା ମୂଲ୍ୟବୋଧ ଏବଂ ଏକ ନୂତନ ଗଣତନ୍ତ୍ର ପାଇଁ ବ୍ୟବହୃତ ବିଚାରଧାରା ଭାରତ ସମ୍ବିଧାନର କାର୍ଯ୍ୟକାରିତା ପାଇଁ ଏକ ଅନୁସରଣର କାର୍ଯ୍ୟ କରିଥିଲା । ସେହି ନୂତନ ଧାରଣାଗୁଡ଼ିକ ଗୋଟିଏ ସମତାବାଦୀ ସମାଜ ସୃଷ୍ଟି, ସ୍ୱତନ୍ତ୍ରତା, ସମାନତା, ଧର୍ମବିଚାର ଏବଂ ଭ୍ରାତୃଭାବର ମୂଲ୍ୟବୋଧତା ଆଣିଥିଲା ଯାହା ଭାରତରେ ଚାଲିଥିବା ପ୍ରଭାବ ବିସ୍ତାର ଏବଂ ଅଧୀନତା, ଜାତି, ଲିଙ୍ଗଗତ ଉପଲବ୍ଧି ଏବଂ ଔପନିବେଶିକ ଅନୁଭୂତି ସହିତ ପ୍ରତ୍ୟକ୍ଷ ଭାବରେ ବିରୋଧ କରୁଥିଲା । ଭାରତର ସ୍ୱାଧୀନତା ଯନ୍ତ୍ରଣାଦାୟକ ବିଭାଜନ ସହିତ ଆସିଥିଲା, ଯେଉଁଥିରେ ହଜାର ହଜାର ନରହତ୍ୟା, ପ୍ରଚଣ୍ଡ ହିଂସା, ଦଙ୍ଗା ଇତ୍ୟାଦି ଥିଲା । ଏହା ଭୟଭୀତ ସମ୍ପ୍ରଦାୟର ସମ୍ପର୍କରେ ଏକ ସୁଦୀର୍ଘ କ୍ଷତଚିହ୍ନ ଛାଡ଼ି ଆସିଥିଲା । ଏହି ସମସ୍ୟାକୁ ସମ୍ମୁଖୀନ କରିବା ସହିତ, ପାଇଁ ନିଜଦେଶର ପିଲାମାନେ କିପରି ଗଣତାନ୍ତ୍ରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ଆବଶ୍ୟକୀୟ ଦକ୍ଷତାର ବୃଦ୍ଧି, ସେମାନଙ୍କର ନେତୃତ୍ୱ ନେବାର ଗୁଣ, ଏବଂ ଏକ ନୂତନ ସାମାଜିକ ସ୍ତରରେ ମୂଲ୍ୟବୋଧତାର ସ୍ଥାପନ ଇତ୍ୟାଦି କରିପାରିବେ ତାହା ମଧ୍ୟ ସମାଧାନ କରିଛି ।

The University Education Commssion(1948-49), ସ୍ୱାଧିନତାପରେ ସ୍ଥାପିତ ହୋଇଥିଲା ଏହା ସୁପାରିଶ୍ କରିଥିଲା ଯେ ଶିକ୍ଷା ଶିକ୍ଷାର୍ଥୀମାନଙ୍କୁ ସାମାଜିକ ଦର୍ଶନଶାସ୍ତ୍ର ସହିତ ଜଡ଼ିତ କରିବା ନିହାତି ଆବଶ୍ୟକ ଯେଉଁଟା ସମସ୍ତ ସାମାଜିକ, ଶୈକ୍ଷିକ / ଶିକ୍ଷା ସମ୍ବନ୍ଧୀୟ ଅର୍ଥନୈତିକ ଅନୁଷ୍ଠାନକୁ ପରିଚାଳିତ କରିପାରିବ । ଏହା ମଧ୍ୟ ଗଣତନ୍ତ୍ର ପାଇଁ ପ୍ରଶିକ୍ଷଣ, ସାଂସ୍କୃତିକ ଐତିହ୍ୟ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବା ଏବଂ ଅତୀତ ଓ ବର୍ତ୍ତମାନକୁ ବୁଝିବା ଶକ୍ତିର ବିକାଶ କରିବାର ପ୍ରଶିକ୍ଷଣ ଦେବାପାଇଁ ସୁପାରିଶ୍ କରିଥିଲେ । The Secondary Education Commission(1952-53), ପୁନଃବାର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେହି ମୂଲ୍ୟବୋଧ, ଗଣତାନ୍ତ୍ରିକ ନାଗରିକତା ଏବଂ ନେତୃତ୍ୱ ନେବା ଗୁଣର ବିକାଶ କରିବାକୁ ସୁପାରିଶ ଦେଲେ । The Indian Education Commission(1964-66), ଅନୁଭବ କଲେ ଯେ, ଶିକ୍ଷା ସମ୍ବନ୍ଧୀୟ ବିପ୍ଳବର ଆବଶ୍ୟକତା ଅଛି - ଦେଶର ଲକ୍ଷ୍ୟ, ଆବଶ୍ୟକତା, କାର୍ଯ୍ୟକଳାପ ସହିତ ଶିକ୍ଷାକୁ ଅଭ୍ୟନ୍ତରୀଣ ଦୃଷ୍ଟିକୋଣରୁ ସମ୍ପର୍କିତ କରିବା । ଏହା ସାମାଜିକ ଏବଂ ରାଷ୍ଟ୍ରୀୟ ସଂହତିକୁ ଶକ୍ତିଶାଳୀ କରିବା ଏବଂ ଶିକ୍ଷାର ଲକ୍ଷ୍ୟ ଭାବେ ସାମାଜିକ, ଆବେଗିକ ଏବଂ ଆଧାତ୍ମିକ ମୂଲ୍ୟବୋଧର ବିକାଶ କରିବାପାଇଁ ସୁପାରିଶ କରିଥିଲେ ।

୧୯୮୬ରେ ଭାରତ ଏକ ବ୍ୟାପକ National Policy on Education(ଶିକ୍ଷାର ଜାତୀୟ ନୀତି)ର ବ୍ୟବସ୍ଥା କରିଥିଲା । ଏହି ଧାରା ରାଷ୍ଟ୍ରର ଆଶା ଓ ପ୍ରତ୍ୟାଶାକୁ ପ୍ରତିଫଳିତ କରିବା ସହିତ ଶିକ୍ଷା ସମ୍ପର୍କିତ ମୂଲ୍ୟବୋଧତାକୁ ମଧ୍ୟ ଗୁରୁତ୍ୱ ଦେଇଥିଲା ।

ଏହି ନୀତି ସ୍ପଷ୍ଟ କରିଥିଲା ଯେ "ଶିକ୍ଷାର ରାଷ୍ଟ୍ରୀୟ ବ୍ୟବସ୍ଥା ଗୋଟିଏ ରାଷ୍ଟ୍ରୀୟ ଶୈକ୍ଷିକ ଆଧାର ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ ଯେଉଁଟା ଗୋଟିଏ ସାଧାରଣ ଉପାଦାନ ସହିତ ଅନ୍ୟ ନମନୀୟ ଉପାଦାନକୁ ଧାରଣ କରିଥିବ । ଏହି ସାଧାରଣ ଉପାଦାନଗୁଡ଼ିକ ଭାରତର ସ୍ୱାଧୀନତା ସଂଗ୍ରାମ, ସାମ୍ବିଧାନିକ ଆଇନ ଏବଂ ଜାତୀୟ ସର୍ବସମତାକୁ ପ୍ରତିପୋଷଣ କଲାପରି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ସଂପୃକ୍ତ କରିବା ଆବଶ୍ୟକ । ଏହି ଉପାଦାନଗୁଡ଼ିକ ବିଷୟଗୁଡ଼ିକର ପରିସରକୁ ଅନ୍ତର୍ଭୁକ୍ତ କରିଥିବା ଦରକାର ଏବଂ ଭାରତର ସାଧାରଣ ସାଂସ୍କୃତିକ ଐତିହ୍ୟ, ସମାନତାବାଦ, ଗଣତନ୍ତ୍ର ଏବଂ ନୈତିକତାବାଦ, ଲିଙ୍ଗଗତ ସମାନତା, ପରିବେଶର ସୁରକ୍ଷା, ସାମାଜିକ ପ୍ରତିବନ୍ଧକର ଦୂରୀକରଣ, କ୍ଷୁଦ୍ର ପରିବାର ନିୟମର ପ୍ରତିପାଳନ ଏବଂ ବୈଜ୍ଞାନିକ ମନୋବୃତ୍ତିର ଅନ୍ତର୍ନିବିଷ୍ଟ ଇତ୍ୟାଦି ମୂଲ୍ୟବୋଧର ବୃଦ୍ଧି କରିବା ପାଇଁ ପରିକଳ୍ପନା କରିବା ଆବଶ୍ୟକ । ସମସ୍ତ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଧର୍ମନିରପେକ୍ଷ ମୂଲ୍ୟବୋଧ ସହିତ କଠୋର/କଡ଼ାକଡ଼ି ଗତାନୁଗତିକ ନିୟମକୁ ବହନ କରିବା ଆବଶ୍ୟକ । ଏହି ମୌଳିକ ମୂଲ୍ୟବୋଧ ନିର୍ଦ୍ଦେଶନାକୁ ସଂଜ୍ଞା କରିଥାଏ ଯାହାକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମିଲ କରାଯିବା ଆଶା କରାଯାଏ ।"

ସ୍ୱାଧୀନ ଭାରତରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ପ୍ରସ୍ତୁତକାରୀଙ୍କ ଧ୍ୟାନ ଆକର୍ଷଣ କରୁଥିବା ସମସ୍ୟା ଅନେକ ଥିଲା । ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଭାରତ ଅନେକ ସମସ୍ୟାକୁ ସମ୍ମୁଖୀନ କରିଥିଲା । ସେଗୁଡିକ ମଧ୍ୟରୁ ଗରିବୀ, ନିରକ୍ଷରତା, ପଛୁଆ ବର୍ଗର ଲୋକ, ସାମାଜିକ ଏବଂ ଗୋଷ୍ଠୀ/ସମ୍ପ୍ରଦାୟ ଜନିତ ବିଭାଜନ ହେଉଛି ଅନ୍ୟତମ । ଦେଶର ଗୁରୁ ଦାୟିତ୍ୱ ହେଉଛି ସେହି ସମସ୍ୟାଗୁଡ଼ିକୁ ସମାଧାନ କରିବା । ଅଧିକ ଖାଦ୍ୟ ଉତ୍ପାଦନ, ନିରକ୍ଷରତାକୁ ହଟାଇବା, ଜନସଂଖ୍ୟା ବୃଦ୍ଧି ବିସ୍ଫୋରଣକୁ ରୋକିବା, ଭିତର ଏବଂ ବାହାରର ବିଭାଜନ ଜନିତ ସମସ୍ୟାକୁ ସମ୍ମୁଖୀନ କରି ଦେଶରେ ଏକତା ରକ୍ଷାକରିବା ଗଣତନ୍ତ୍ର ଏବଂ ସମ୍ବିଧାନ ମୂଲ୍ୟବୋଧକୁ ରକ୍ଷା କରିବା ପରି ଗୁରୁତ୍ୱ ଆବଶ୍ୟକ କଲା । ସେଥିପାଇଁ ଏହି ସମସ୍ତ ସମସ୍ୟାଗୁଡିକ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସ୍ଥାନିତ ହେଲେ ଏବଂ ପରିଣାମ ସ୍ୱରୂପ ଶିକ୍ଷାର୍ଥୀମାନେ ରହୁଥିବା ସମାଜର ସମସ୍ୟା ପ୍ରତି ସେମାନେ ସମ୍ବେଦନଶୀଳ ହେଲେ ।

**୨.୨.୩. ଜାତୀୟ ସଂହତି ଏବଂ ଆନ୍ତର୍ଜାତିକ ବୁଝାମଣା:**

ଭାରତୀୟ ସମାଜର ପ୍ରାଚୁର୍ଯ୍ୟ ଏହାର ଏକାଧିକତ୍ୱରେ ଥାଏ । କିନ୍ତୁ ଏକାଧିକତ୍ୱ ଭାରତୀୟମାନଙ୍କ ମଧ୍ୟରେ ଆବେଗିକ ସଂହତି / ଏକୀକରଣ ହାସଲ କରିବାର ଆହ୍ୱାନକୁ ମଧ୍ୟ ନିଜ ସହିତ ଆଣିଥାଏ :- ବିଭିନ୍ନ ଭାଷା କହୁଥିବା ବହୁ ସଂଖ୍ୟକ ଲୋକ, ପୋଷାକପତ୍ରରେ ବିଭିନ୍ନତା, ବିଭିନ୍ନ ସ୍ଥାନରେ ଅର୍ଚ୍ଚନା / ପୂଜା - ବିଭିନ୍ନ ମାଧ୍ୟମରେ, ବିଭିନ୍ନପ୍ରକାର ବିଚାରଧାରା ଆପଣେଇଥିବା ଲୋକ, ବିଭିନ୍ନ ଗୋଷ୍ଠୀରେ ବସବାସ କରୁଥିବା ଲୋକ, ବିଭିନ୍ନ ଆଗ୍ରହର ବ୍ୟକ୍ତି ଏବଂ ରୋଜଗାର ପାର୍ଥକ୍ୟ ଇତ୍ୟାଦି । ଶିକ୍ଷା ଏବଂ ଦେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତର ଲୋକମାନଙ୍କ ମଧ୍ୟରେ ସଂହତି ଭାବ ବୃଦ୍ଧି କରିବା । ଭାରତପାଇଁ ଇତିହାସ ପ୍ରଚୁର ପରିମାଣରେ ଶିକ୍ଷା ଦେଇଥାଏ ରାଷ୍ଟ୍ରୀୟ ଏକତା ଏବଂ ଆବେଗିକ ସଂହତିକୁ ନେଇ ଆମେ ପାଇଥିବା ସ୍ୱାଧୀନତା ଏବଂ ଆମମାନଙ୍କ ମଧ୍ୟରେ ଥିବା ଏକତା ଭାଙ୍ଗିପାରିବ ନାହିଁ । ଭାରତକୁ ବିଭାଜନ କରିବା ବିଦେଶୀମାନଙ୍କ ପାଇଁ ଏକ ସହଜସାଧ୍ୟ କଥା । The Indian Education Commision(1964 - 66) ଗ୍ରହଣ କରିଛନ୍ତି ଯେ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ହେଉଛି ସାମାଜିକ ଏବଂ ରାଷ୍ଟ୍ରୀୟ ସଂହତି / ଏକତାକୁ ଶକ୍ତିଶାଳୀ କରିବା ।

ଯେପରି ସାମାଜିକ ଏକତାକୁ ବୃଦ୍ଧିକରିବା ଉପରେ ଗୁରୁତ୍ୱ ଦିଆଯାଇଛି, ସେହିପରି ଭାରତର ଲୋକମାନଙ୍କ ମଧ୍ୟରେ ଆବେଗିକ ଏକତାକୁ ବୃଦ୍ଧିକରିବା ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ । ଏକତ୍ୱ ଏବଂ ନିଜସ୍ୱର ଅନୁଭବ ଆସିବ ସେତେବେଳେ ଯେତେବେଳେ ଲୋକମାନେ ଅନୁଭବ କରିବେ ଯେ ଦେଶ ସେମାନଙ୍କର ଗୋଷ୍ଠୀଗତ ବିଭିନ୍ନତା ଏବଂ ରୋଜଗାର ଓ ଧାରଣାଗତ ବିଭିନ୍ନତାକୁ ଦୃଷ୍ଟିରେ ନରଖି । ସେମାନଙ୍କର ସମସ୍ୟା ଏବଂ ସେମାନଙ୍କର ସ୍ୱର ଶୁଣିବ । ବିଭିନ୍ନ ଅଞ୍ଚଳରୁ କେନ୍ଦ୍ରକୁ ଆଣିବା ପାଇଁ ଲୋକମାନଙ୍କୁ ଦେଶର ସମସ୍ୟା ସମାଧାନରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ଦରକାର । ତୁମେ ଚିନ୍ତା କରୁଛ କି ସାମାଜିକ, ଅର୍ଥନୈତିକ ଏବଂ ବିକାଶଶୀଳ ସମନ୍ୱୟ ଫଳରେ ଏକତ୍ୱର ଅନୁଭବ ସୃଷ୍ଟି କରାଯାଇପାରିବ ? ଆମ ଲୋକମାନଙ୍କ ମଧ୍ୟରେ ଥିବା ପଛୁଆ ଏବଂ ଦୁର୍ବଳ ବର୍ଗର ଲୋକମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିହିତାର୍ଥ (implication) କି ?

ବର୍ତ୍ତମାନ ରାଷ୍ଟ୍ରୀୟ ଏକୀକରଣରେ ପ୍ରତିବନ୍ଧକ ସୃଷ୍ଟିକରୁଥିବା ସମସ୍ୟାଗୁଡିକ କ'ଣ କ'ଣ ? ଲୋକମାନଙ୍କ ମଧ୍ୟରେ ଏକତା ଭାବକୁ ଦୁର୍ବଳ କରିବାପାଇଁ ଦେଶମଧ୍ୟରେ ଥିବା ସମସ୍ୟାଗୁଡିକ ଦାୟୀବୋଲି ତୁମେ ଭାବୁଛ କି ? ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ଅଧିକାଂଶ ସ୍ୱତନ୍ତ୍ର ଗୋଷ୍ଠୀ କାର୍ଯ୍ୟରତ ଅଛନ୍ତି । ଏହି ଭ୍ରାନ୍ତ ଚିନ୍ତାଧାରାର ଲୋକମାନେ ଅନ୍ୟ ଲୋକମାନଙ୍କୁ ସେମାନଙ୍କର ନିଜସ୍ୱ ସ୍ୱାର୍ଥପର ବିଶୁଦ୍ଧ ଆଗ୍ରହରୁ ଗୋଷ୍ଠୀଗତ ଘୃଣା / ଦ୍ୱେଷ ମନୋଭାବ ପାଇଁ ପ୍ରେରିତ କରୁଛନ୍ତି । ଏହି ସମସ୍ୟାଗୁଡିକ ଭାରତୀୟ ସମାଜରେ କର୍କଟ ରୋଗଭଳି କାର୍ଯ୍ୟ କରିଥାଏ ଏବଂ ଏହାକୁ ନିହାତି ଚିହ୍ନଟ କରିବା ସହିତ ସନ୍ତୁଳିତ କରିବାର ଆବଶ୍ୟକତା ଅଛି । ସେହି ସମସ୍ୟାଗୁଡିକ ମଧ୍ୟରୁ କେତେକ ସମସ୍ୟା ହେଉଛି ସାଂପ୍ରଦାୟିକତା, ରୋଜଗାରରେ ଅସମତା, ଧନୀ ଓ ଗରିବ ମଧ୍ୟରେ ବ୍ୟାପକ ପାର୍ଥକତା, ଅନୁଭବ/ଭାବରେ ବିଭିନ୍ନତା ଇତ୍ୟାଦି । ତୁମେ ମଧ୍ୟ ଏହାଠାରୁ ଅଧିକ ଖୋଜି ବାହାର କରିପାରିବ ।

ଟିପ୍ପଣୀ

ରାଷ୍ଟ୍ରୀୟ ଏକୀକରଣକୁ ଦୃଢୀଭୂତ କରିବା ପାଇଁ ସାମାଜିକ ବିଜ୍ଞାନର ଭୂମିକା କ'ଣ ? ରାଷ୍ଟ୍ରୀୟ ଏକତା ଏବଂ ସଂହତିର ମନୋଭାବକୁ ଉଦ୍ରେକ କରିବା ପାଇଁ ସାମାଜିକ ବିଜ୍ଞାନକୁ ଏକ ଶକ୍ତିଶାଳୀ ବିଷୟ ଭାବେ ଗ୍ରହଣ କରାଯାଇଛି । ରାଷ୍ଟ୍ରୀୟ ଏକତାର ଗୁରୁତ୍ୱକୁ ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୂକ୍ଷ୍ମାନୁଭବୀ/ ସ୍ପର୍ଶକାତର କରିପାରିବ, ସମସ୍ୟା ସମ୍ପର୍କିତ ଐତିହାସିକ ପରିପ୍ରେକ୍ଷଣକୁ ପ୍ରକାଶ କରିପାରିବ ଏବଂ ରାଷ୍ଟ୍ରୀୟ ପରିଚୟ ଏବଂ ଏକତାର ସାଙ୍କେତିକ ମୂଲ୍ୟବୋଧ ବିଷୟରେ ଶିକ୍ଷାଦାନ କରିପାରିବ । The National Policy On Education (1986) ବ୍ୟାଖ୍ୟା କରିଛନ୍ତି ଯେ, ଭାରତର ସାଧାରଣ ସାଂସ୍କୃତିକ ଐତିହ୍ୟ, ଭାରତର ଐତିହାସିକ ସ୍ୱାଧୀନତା ସଂଗ୍ରାମ, ସାମ୍ବିଧାନିକ ଆଇନ ଏବଂ ରାଷ୍ଟ୍ରୀୟ ପରିଚୟକୁ ପାଳନପୋଷଣ କରିବାପାଇଁ ଆବଶ୍ୟକୀୟ ଅନ୍ୟ ବିଷୟ ବସ୍ତୁଗୁଡିକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏକତା ଭାବ ସୃଷ୍ଟି କରିବା ପାଇଁ ସମର୍ଥ ହେବ । ଦେଶ ସମ୍ପର୍କିତ ଘନିଷ୍ଠ ବୁଝାମଣାର ବିକାଶ କରିବା ପାଇଁ ରାଷ୍ଟ୍ରୀୟ ଇତିହାସ ଏବଂ ରାଷ୍ଟ୍ରୀୟ ଭୂଗୋଳର ଶିକ୍ଷାଦେବା ଆବଶ୍ୟକ । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତା ଭାବର ବିକାଶ କରିବା ସହିତ ଏହି ସମ୍ପର୍କରେ ବର୍ଣ୍ଣନା କରିବାର ଦାୟିତ୍ୱ ସାମାଜିକ ବିଜ୍ଞାନ ବହନ କରିଛି । ରାଷ୍ଟ୍ରୀୟ ଏକୀକରଣର ଧାରଣା ଆନ୍ତଃରାଷ୍ଟ୍ରୀୟ ବୁଝମଣାର ଧାରଣା ସହିତ ସମାନ । ଆମ୍ଭେମାନେ ଏକ ବିଶ୍ୱବ୍ୟାପୀ ଯୁଗରେ ବସବାସ କରୁଛେ । ରାଷ୍ଟ୍ର ଏବଂ ଦେଶ ଏକାନ୍ତରେ ଚାଲିପାରିବ ନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ମୁଖ୍ୟ ସମସ୍ୟାଗୁଡିକ ମାନବ ଜାତି ସମ୍ମୁଖୀନ କରୁଛି ଯାହା ରାଷ୍ଟ୍ରୀୟ ସମସ୍ୟା ସହିତ ସମ୍ପର୍କିତ ନୁହେଁ ଏବଂ ସେଗୁଡିକ ବିଶ୍ୱବ୍ୟାପୀ ପରିସର ସହିତ ସଂପୃକ୍ତ । ଏହାଫଳରେ ସେମାନେ ବିଶ୍ୱର ଦେଶଗୁଡିକ ଏବଂ ଅନ୍ୟ ଲୋକମାନଙ୍କର ଧ୍ୟାନ ଆକର୍ଷଣ କରୁଛନ୍ତି । ଆମେ ସେହି ସମସ୍ୟାଗୁଡିକ ମଧ୍ୟରୁ କିଛି ସମସ୍ୟାକୁ ତାଲିକାଭୁକ୍ତ କରିପାରିବା କି ? ସେଗୁଡିକର କେତେକ ପରିସର ହେଉଛି ପରିବେଶ ସମ୍ପର୍କିତ, ବାଣିଜ୍ୟ, ବ୍ୟବସାୟ ଏବଂ ଅର୍ଥନୈତିକ ସମସ୍ୟା, ମାନବ ବିକାଶ ଏବଂ ଜନସଂଖ୍ୟା ଜନିତ ସମସ୍ୟା ଏବଂ ବିଶ୍ୱଶାନ୍ତି ଇତ୍ୟାଦି । ଆନ୍ତଃରାଷ୍ଟ୍ରୀୟ ବୁଝାମଣାର ଅଭାବ ବିଶ୍ୱକୁ ବିଭାଜିତ କରିବା ସହିତ ଯୁଦ୍ଧ ଜନିତ ସମସ୍ୟାର ସମ୍ମୁଖୀନ କରାଉଛି । ଏହାଦ୍ୱାରା ଜୀବନଯାପନରେ ବହୁଳ କ୍ଷତି ହେବା ସହିତ ମାନବୀୟ ମୂଲ୍ୟବୋଧ ଏବଂ ସମ୍ପତ୍ତିର ମଧ୍ୟ କ୍ଷତି ଘଟୁଛି । ବିଶ୍ୱର ଦେଶଗୁଡିକ ଏବଂ ସମସ୍ତ ଲୋକମାନଙ୍କ ମଧ୍ୟରେ ସହଯୋଗ ଏବଂ ବୁଝାମଣା ଭାବ ହାସଲ କରିବାପାଇଁ ମାନବଜାତି ଆତ୍ମସନ୍ତୁଷ୍ଟତା ମନୋବୃତ୍ତି ପ୍ରତିପ୍ରକାଶ କରିପାରୁନାହିଁ । ସମସ୍ତ ଦେଶପାଇଁ ମାନବ ଅଧିକାର ଏବଂ ମାନବ ବିକାଶର ସମସ୍ୟା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ।

ସାମାଜିକ ବିଜ୍ଞାନ ସମସ୍ତ ଶିକ୍ଷାର୍ଥୀମାନଙ୍କ ମନରେ ଏକ ସକାରାତ୍ମକ ମନୋବୃତ୍ତି ସୃଷ୍ଟି କରିବାର ଦାୟିତ୍ୱ ଗ୍ରହଣ କରିଛି ଗୋଟିଏ ଉତ୍ତମ ବିଶ୍ୱ ଗଠନ ପାଇଁ, ଯେଉଁଠାରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେବା ପୂର୍ବରୁ ମାନବଜାତି ଏକାଠି ହୋଇ ଅନ୍ୟଲୋକମାନଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ହାତ ବଢାଇବେ । ସମଗ୍ର ବିଶ୍ୱ ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆତ୍ମୀୟତା ଭାବର ବିକାଶ କରିବା ପାଇଁ ବିଶ୍ୱ ଇତିହାସ ଏବଂ ବିଶ୍ୱ ଭୂଗୋଳ ଶିକ୍ଷାଦାନ ସାହାଯ୍ୟ କରିଥାଏ । ଅନ୍ତଃରାଷ୍ଟ୍ରୀୟ ଶାନ୍ତି, ସହଯୋଗ, ବୁଝାମଣା, ପାରସ୍ପରିକ ସମ୍ମାନ, ଭାବର ଆଦାନପ୍ରଦାନ ଏବଂ ସାମୂହିକ ପ୍ରଚେଷ୍ଟା / ଉଦ୍ୟମର ଗୁରୁତ୍ୱକୁ ପ୍ରଶଂସା / ପସନ୍ଦ କରି ବିଶ୍ୱ ଇତିହାସ ବର୍ତ୍ତମାନ ଯୁଗର ଲୋକମାନଙ୍କ ପାଇଁ ଏକ ଉତ୍ତମ ଶିକ୍ଷାଦେବାର ବ୍ୟବସ୍ଥା କରିଛି । ଆନ୍ତଃରାଷ୍ଟ୍ରୀୟ ସହଯୋଗ ଏବଂ ସାମୂହିକ ବୁଝାମଣା ପାଇଁ ଅନ୍ତଃରାଷ୍ଟ୍ରୀୟ ସଂସ୍ଥାର ଏକ ଯୋଜନା ବିଶ୍ୱ ଆଗରୁ ପ୍ରତିଷ୍ଠା କରିସାରିଛି । ଶିକ୍ଷାର୍ଥୀମାନେ ସେହି ଅନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନଗୁଡିକ ସମ୍ପର୍କରେ ଜାଣିବା ଏବଂ ସେମାନଙ୍କ ପାଇଁ ଥିବା ଦାୟିତ୍ୱକୁ ସମ୍ପାଦନ କରିବା ଆବଶ୍ୟକତା ମଣୁଛନ୍ତି । ସେମାନେ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ପରିସ୍ଥିତି ସୃଷ୍ଟି ସମ୍ପର୍କିତ ପରିବେଶ, ଜନସଂଖ୍ୟା, ବିକାଶ, ଶିକ୍ଷା, ଅର୍ଥନୀତି, ବାଣିଜ୍ୟ ଏବଂ ଦେଶ ଓ ବିଭିନ୍ନ ଶ୍ରେଣୀରେ ଲୋକମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ବିଷୟରେ ଜାଣିବାର ଆବଶ୍ୟକତା ମନେ କରୁଛନ୍ତି । ଘଟୁଥିବା ବିଭିନ୍ନ ସମସ୍ୟାଗୁଡିକ ସହିତ ଯୋଡି ହେବା ପାଇଁ ବିଭିନ୍ନ ଅର୍ନ୍ତଜାତୀୟ ଅନୁଷ୍ଠାନ (word institutional Framework)ର ବେଶେଷ ଆବଶ୍ୟକତା ବିଷୟରେ ମଧ୍ୟ ସେମାନେ ଜାଣିପାରିବେ । ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ରାଷ୍ଟ୍ରୀୟ ଏକୀକରଣ ଏବଂ ଅନ୍ତଃରାଷ୍ଟ୍ରୀୟ ବୁଝାମଣାର ସଂପୃକ୍ତିକୁ ମଧ୍ୟ ପ୍ରତିଫଳିତ କରାଯାଇଛି ।

ଟିପ୍ପଣୀ

**୨.୨.୪. ଧର୍ମନିରପେକ୍ଷତା ଏବଂ ସାଂପ୍ରଦାୟିକତା :**

ଦେଶର ବିଭିନ୍ନ ଧର୍ମର ଅଭ୍ୟାସ / ପ୍ରଚଳନ ବିଷୟରେ ଆମେ ଯେତେବେଳେ କଥା ହେଉ ସେତେବେଳେ ଭାରତର ବହୁସାଂସ୍କୃତିକବାଦର ବିଶିଷ୍ଟତା ସମ୍ବନ୍ଧରେ ଆଲୋଚନା କରାଯାଏ । ଆମେ ସମସ୍ତେ ମଧ୍ୟ ସବୁବେଳେ ବିଭିନ୍ନ ବିଶ୍ୱାସ ଏବଂ ବିଚାରଧାରା ଏକାଠି ସମୃଦ୍ଧ ହେବାର ଏକ ପରମ୍ପରା ବିଷୟରେ ଶୁଣିବାକୁ ପାଉ । ଅଧିକାଂଶ ଧାର୍ମିକ ବିଶ୍ୱାସ ଏହି ଦେଶର ଲୋକମାନଙ୍କ ସମର୍ଥନ ଏବଂ ସହନଶୀଳତା ଦ୍ୱାରା ଆରମ୍ଭ ହୋଇ ପ୍ରସାରିତ ହୋଇଛି ଏବଂ ବିଶ୍ୱର ଅନ୍ୟ ଦେଶମାନଙ୍କୁ ବ୍ୟାପ୍ତ ହୋଇଛି । ଅଧିକାଂଶ ଅନ୍ୟ ଧାର୍ମିକ ବିଶ୍ୱାସ ଅନ୍ୟ ଦେଶରୁ ଆମ ଦେଶକୁ ଆସିଛି ଏବଂ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି । ଏକାଠି ବସବାସ କରୁଥିବା ଲୋକମାନେ ବିଭିନ୍ନ ପର୍ବପର୍ବାଣୀ ପାଳନ କରୁଛନ୍ତି । ଆମେ ଏହା ମଧ୍ୟ କରିପାରିବାନାହିଁ ଯେ ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ସମସ୍ୟା ଦେଖାଯାଉଛି । ଆମେ ସେହି ସମସ୍ୟାଗୁଡ଼ିକୁ ବର୍ଣ୍ଣନା କରିବା ସହିତ ଏହି ସମସ୍ୟାରେ ସଂପୃକ୍ତ କାରକଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ।

**କାର୍ଯ୍ୟକଳାପ- ୨**

ଆମ ଦେଶରେ ପ୍ରଚଳିତ ହେଉଥିବା ବିଭିନ୍ନ ଧର୍ମଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ଏବଂ ରାଷ୍ଟ୍ରୀୟ ଜନଗଣନା ତଥ୍ୟରୁ ସେହି ଧର୍ମକୁ ବ୍ୟବହାର କରୁଥିବା ବା ମାନୁଥିବା ଲୋକମାନଙ୍କର ଅନୁପାତ ବାହାର କର ।

ଭାରତର ସମ୍ବିଧାନ ସ୍ପଷ୍ଟଭାବେ ବ୍ୟକ୍ତ କରିଛି ଯେ, ଭାରତ ଏକ ଧର୍ମନିରପେକ୍ଷ ଦେଶ ହୋଇପାରିବ । କିନ୍ତୁ ଭାରତୀୟ ଧର୍ମନିରପେକ୍ଷତା ଅନ୍ୟ ଧର୍ମନିରପେକ୍ଷୀୟ ବିଶ୍ୱାସ ଠାରୁ ଭିନ୍ନ । ଅନ୍ୟ ଅର୍ଥରେ କହିବାକୁ ଗଲେ ଭାରତୀୟ ଧର୍ମନିରପେକ୍ଷବାଦ ଅନ୍ୟ ସମସ୍ତ ଧର୍ମଠାରୁ ଦୂରତା ବଜାଇ ରଖିବା ବଦଳରେ ସମସ୍ତ ଧର୍ମକୁ ସମାନ ରୂପେ ଗ୍ରହଣ କରୁଛି । ଭାରତୀୟ ଧର୍ମନିରପେକ୍ଷତାବାଦ ଧର୍ମହୀନ / ଧର୍ମଦ୍ୱେଷୀ ନୁହେଁ । ତେବେ କାହିଁକି ଭାରତରେ ସମ୍ପ୍ରଦାୟ / ଗୋଷ୍ଠୀ ଜନିତ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି । ଅତୀତରେ ସମ୍ପ୍ରଦାୟ / ଗୋଷ୍ଠୀ ଜନିତ ସମସ୍ୟା ଦେଖାଯିବାର ବାସ୍ତବିକ କାରଣ କ'ଣ ହୋଇଥିବ? ଏହା ଅଜ୍ଞତା ଯୋଗୁଁ ଘଟିଥିଲା କି? ଏହା ବିଭାଜନ ଷଡଯନ୍ତ୍ର ଏବଂ ରାଷ୍ଟ୍ର ବିରୋଧୀ ପ୍ରଭାବ ଯୋଗୁଁ ହୋଇଥିଲା କି ? କେତେକ ଗୋଷ୍ଠୀ ଜନିତ ସମସ୍ୟା କିମ୍ବା ଗୋଷ୍ଠୀ ଜନିତ ଭେଦଭାବ ସୃଷ୍ଟିକରିବା ପାଇଁ କି ? ସମ୍ପ୍ରଦାୟଜନିତ ଉତ୍ତେଜନାକୁ ଉଦ୍ରେକ କରିବା ପାଇଁ କେଉଁଗୁଡ଼ିକ ସମ୍ଭାବ୍ୟ ସମସ୍ୟା? ଧର୍ମ ପରିବର୍ତ୍ତନ ଏବଂ ଧର୍ମର ଆଦାନପ୍ରଦାନ, ଅନ୍ୟମାନଙ୍କର ମତ ପ୍ରତି ଅସହିଷ୍ଣୁତାଭାବ, ତୁଚ୍ଛ ବ୍ୟକ୍ତିଗତ ଆଗ୍ରହ ଇତ୍ୟାଦି ହୋଇପାରେ ଏହି ସମସ୍ୟାର କେନ୍ଦ୍ରବିନ୍ଦୁ । ଦେଶର ଭବିଷ୍ୟତ ନାଗରିକ ସହିତ ଏହି ସମସ୍ୟା ବିଷୟରେ ମୁକ୍ତ ଭାବରେ ଆଲୋଚନା ନିହାତି ଆବଶ୍ୟକ । ପିଲାମାନଙ୍କ ସହିତ ଏହି ସମସ୍ୟା ଗୁଡ଼ିକୁ ବର୍ଣ୍ଣନା କରିବାର ବିଭିନ୍ନ ମାଧ୍ୟମ ବିଷୟରେ ତୁମେ ଚିନ୍ତା କରିପାରିବ ? ଯାହାଫଳରେ ସେମାନେ ଗୋଟିଏ ଯୁକ୍ତିଯୁକ୍ତ ଏବଂ ଆବେଗହୀନ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ କରିପାରିବେ ।

**କ୍ରିୟାକଳାପ:-୩**

୧. ରାଷ୍ଟ୍ରୀୟ ସଂହତିକୁ ଶକ୍ତିଶାଳୀ କରିବା ପାଇଁ ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ସାହାଯ୍ୟ କରୁଥିବା ଉପାୟଗୁଡ଼ିକର ତାଲିକା କର ।

୨. ଭାରତର ଏକତା ଏବଂ ସଂହତିକୁ ଦୁର୍ବଳ କରୁଥିବା ବିଭିନ୍ନ କାରକଗୁଡ଼ିକର ତାଲିକା କର ।

୩. ରାଷ୍ଟ୍ରୀୟ ସଂହତିର ପ୍ରୋତ୍ସାହନ ପାଇଁ ବିଦ୍ୟାଳୟରେ ଶିକ୍ଷାର୍ଥୀମାନେ କେଉଁ ସବୁ କ୍ରିୟାକଳାପ କରିବେ ସେଗୁଡ଼ିକର ତାଲିକା ପ୍ରସ୍ତୁତ କର ।

୪. ରାଷ୍ଟ୍ରୀୟ ଏକତା ଏବଂ ସଂହତି ସମ୍ପର୍କରେ ଧାରଣା ଦେଉଥିବା ସାମାଜିକ ବିଜ୍ଞାନର ପ୍ରସଙ୍ଗଗୁଡ଼ିକର ତାଲିକା ପ୍ରସ୍ତୁତ କର ।

୫. ଅନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନ ଓ ସଂସ୍ଥା ଏବଂ ସେଗୁଡ଼ିକର କାର୍ଯ୍ୟକଳାପ ବିଷୟରେ ତଥ୍ୟ ସଂଗ୍ରହ କର । UNO, UNESCO, WTO, ICJ, WHO, FAO ଇତ୍ୟାଦିର କାର୍ଯ୍ୟକଳାପ ଏବଂ ସଦ୍ୟତମ କାର୍ଯ୍ୟକଳାପ

ଟିପ୍ପଣୀ

ସମ୍ପର୍କରେ ତଥ୍ୟ ତୁମେ ସଂଗ୍ରହ କରିପାରିବ ।

୬. ସମସ୍ତ ଆନ୍ତର୍ଜାତିକ / ବିଶ୍ୱ ଦିବସ ଯଥା – ଜାତିସଂଘ ଦିବସ କିମ୍ବା ବିଶ୍ୱ ପରିବେଶ ଦିବସ ଇତ୍ୟାଦିର ତାଲିକା ପ୍ରସ୍ତୁତ କର । ସମ୍ପୂର୍ଣ୍ଣ ଶିକ୍ଷା ବର୍ଷରେ ତୁମ ବିଦ୍ୟାଳୟରେ କିପରି ଏହି ଦିବସଗୁଡ଼ିକୁ ପାଳନ / ଆୟୋଜନ କରାଯାଇପାରିବ ତାହାର ଏକ ଯୋଜନା ପ୍ରସ୍ତୁତ କର ।

୭. ପରିକଳ୍ପନା କର ତୁମ ଅଞ୍ଚଳରେ ହଠାତ୍ ସମ୍ପ୍ରଦାୟ / ଗୋଷ୍ଠୀଗତ ସମସ୍ୟା ଦେଖାହେଲା । ସାମ୍ପ୍ରଦାୟିକ ଭାବନାକୁ ନିୟନ୍ତ୍ରଣ କରିବା ପାଇଁ ତୁମେ ଏବଂ ତୁମର ଶିକ୍ଷାର୍ଥୀମାନେ କେଉଁସବୁ ସମ୍ଭାବ୍ୟ କାର୍ଯ୍ୟ କରିପାରିବ ସେ ବିଷୟରେ ଚିନ୍ତାକର ।

**ନିଜ ଅଗ୍ରଗତି ଆକଳନ – ୨**

୧. ସାମାଜିକ ବିଜ୍ଞାନ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନ୍ତର୍ନିବିଷ୍ଟ କରୁଥିବା ସାମ୍ବିଧାନିକ ମୂଲ୍ୟବୋଧର ତାଲିକା ପ୍ରସ୍ତୁତ କର ।

------------------------------------------------------------

------------------------------------------------------------

------------------------------------------------------------

-----------------------------------

୨. ଗଣତନ୍ତ୍ର ପାଇଁ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ କେଉଁ ଶିକ୍ଷା କମିଶନ୍ ସୁପାରିଶ କରିଥିଲେ ?

------------------------------------------------------------

------------------------------------------------------------

------------------------------------------------------------

-----------------------------------

୩. ସାଧାରଣ ଉଦ୍ଦେଶ୍ୟକୁ ଧାରଣ କରିଥିବା ଜାତୀୟ ପାଠ୍ୟକ୍ରମ ଆଧାର ବିଷୟରେ କେଉଁ ଶିକ୍ଷା ସମ୍ବନ୍ଧୀୟ ଦସ୍ତାବିଜ କହିଥିଲା ?

------------------------------------------------------------

------------------------------------------------------------

------------------------------------------------------------

-----------------------------------

୪.ମାନବଜାତିର ଉପକାର ପାଇଁ କାର୍ଯ୍ୟରତ କେତେକ ଆନ୍ତର୍ଜାତିକ ସଂଗଠନର ନାମ ଲେଖ ।

------------------------------------------------------------

------------------------------------------------------------

------------------------------------------------------------

-----------------------------------

### ୨.୨.୫. ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଉପରେ ନିମ୍ନପଦସ୍ଥ ପ୍ରସଙ୍ଗର ପ୍ରଭାବ :

ସମାଜରେ ଏବଂ ଇତିହାସରେ ଅଣ – ସମ୍ଭ୍ରାନ୍ତ ସଦସ୍ୟମାନଙ୍କର ଭୂମିକା ସମ୍ପର୍କରେ ଖୋଜିବା କାର୍ଯ୍ୟ ପ୍ରଥମେ ଆରମ୍ଭ କହିଥିଲେ ମାର୍କ୍ସବାଦୀ ଅଭିମୁଖୀକରଣର କେତେକ ଲୋକ । ଏହି ଅଣସମ୍ଭ୍ରାନ୍ତ ସଦସ୍ୟମାନଙ୍କୁ "ନିମ୍ନ ପଦସ୍ଥ (subaltern)" ନାମରେ ନାମିତ କରାଯାଏ । ସାଧାରଣତଃ ୧୯୮୦ ଦଶକ ବେଳକୁ ଏହି ଶବ୍ଦର ବ୍ୟବହାର କରାଯାଇଥିଲା ସେହି ଲୋକମାନଙ୍କ ପାଇଁ ଯେଉଁମାନେ ସାର୍ବଭୌମିକତାରେ ଆଧିପତ୍ୟ ବିସ୍ତାର

ଏବଂ ସାମାଜିକ ବହିଷ୍କାରକୁ ବିରୋଧ କରି ସଂଘର୍ଷ କରୁଥିଲେ । ସମାଜରେ ସେମାନଙ୍କୁ ଦଳିତ ଏବଂ ଅଦରକାରୀ ଭାବେ ନାମିତ କରୁଥିବା ଗୋଷ୍ଠୀମାନଙ୍କ ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରିଥିଲେ । ଏହି ନାମ ସାଧାରଣତଃ ନିମ୍ନ ଶ୍ରେଣୀ, ଦଳିତ, ନିକୃଷ୍ଟ ସ୍ତର ଇତ୍ୟାଦିକୁ ସୂଚାଇଥାଏ । ନିମ୍ନ ପଦସ୍ଥ ପରିପ୍ରେକ୍ଷଣର ମୁଖ୍ୟ ଲକ୍ଷ ଥିଲା ଇତିହାସରୁ ସଂଭ୍ରାନ୍ତବାଦ ପକ୍ଷପାତିତାବାଦକୁ ସଂଶୋଧନ କରିବା, ଏହା ବ୍ରିଟିଶ୍ କିମ୍ବା ଭାରତୀୟ ରାଷ୍ଟ୍ରବାଦୀମାନଙ୍କ ଦ୍ୱାରା ଲେଖା ହୋଇଥାଉନା କାହିଁକି । ଏହା ଆଧିପତ୍ୟ - ଅଧୀନସ୍ତ ଗୋଷ୍ଠୀମାନଙ୍କ ମଧ୍ୟରେଥିବା ସମ୍ପର୍କକୁ ଅଧ୍ୟୟନ କରେ । ନିମ୍ନପଦସ୍ଥ ବିଦ୍ୟାଳୟରେ ବିଚାର ହେଉଛି ତୃତୀୟ ବିଶ୍ୱ ଦେଶଗୁଡିକରେ ସାମାଜିକ ବିଜ୍ଞାନ, ଅର୍ଥନୀତି ଏବଂ ଇତିହାସର ଅଧ୍ୟୟନ ପାଇଁ ଅଧିକ ସଂଖ୍ୟକ ଅଂଶଦାନ କରିବା । ନିମ୍ନ ପଦସ୍ଥ ପରିପ୍ରେକ୍ଷଣ ସମ୍ଭ୍ରାନ୍ତ ଶ୍ରେଣୀ/ ଗୋଷ୍ଠୀର ଆଧିପତ୍ୟ କ୍ଷମତାରୁ ନିମ୍ନରେ ଥିବା ଗୋଷ୍ଠୀମାନଙ୍କ ଠାରୁ ହେଉଛି ଏକ ଉତ୍ତର, ଯେଉଁମାନେ ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ସମସ୍ତ ବାହାଦୁରି ନେବାପାଇଁ ଚାହାଁନ୍ତି ଏବଂ ନିମ୍ନ ଶ୍ରେଣୀର ଲୋକମାନଙ୍କୁ ତୁଛ ଆଖିରେ ଦେଖିଥାନ୍ତି । କ୍ଷୁଦ୍ରଚାଷୀ ଆନ୍ଦୋଳନ ଯଥା ସାନ୍ତାଳ ବିଦ୍ରୋହ (୧୯୫୫), ଚମ୍ପାରଣ ସତ୍ୟାଗ୍ରହ (୧୯୧୭-୧୮)ଏବଂ ବରଦୋଲୀ ସତ୍ୟାଗ୍ରହ (୧୯୨୮) ଇତ୍ୟାଦି ମାଧ୍ୟମରେ ନିମ୍ନ ପଦସ୍ଥ ଗୋଷ୍ଠୀମାନେ ସେମାନଙ୍କର ଅଧିକାର ପାଇଁ ବିରୋଧାତ୍ମକ ଆକ୍ରମଣ କରିବା ସହିତ ଦାବି କରିଥିଲେ । ପ୍ରଥମତଃ ଏହି ଆନ୍ଦୋଳନ ଦେଖାଯାଇଥିଲା ନୂତନ ଜମି ରାଜସ୍ୱ ବ୍ୟବସ୍ଥା (new land revenue system) ଏବଂ ଔପନିବେଶିକ ପ୍ରଶାସନର ଦମନମୂଳକ ଅର୍ଥନୈତିକ ନୀତିନିୟମ ଯୋଗୁଁ । ଯେତେବେଳେ କ୍ଷୁଦ୍ର ଚାଷୀମାନେ ଏହି ବ୍ୟବସ୍ଥାକୁ ବହୁ ସମୟ ଧରି ରଖିବାକୁ ଅସମର୍ଥ ହେଲେ, ସେତେବେଳେ ସେମାନେ ଏହି ଅତ୍ୟାଚାର ଏବଂ ଶୋଷଣ ବିରୋଧରେ ବିପ୍ଲବ କରିଥିଲେ ।

ଭାରତ ଭଳି ଦେଶରେ ଜନସଂଖ୍ୟାର ଅଧିକାଂଶ ଲୋକ ନିମ୍ନପଦସ୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ । ଚିନ୍ତା କର ଏହାର ଫଳାଫଳ କ'ଣ ହେବ ଯଦି ଆମର ସମ୍ପୂର୍ଣ୍ଣ ଜନସଂଖ୍ୟାରୁ ଅଧିକାଂଶ ଲୋକଙ୍କୁ ଆମେ ଛାଡିଦେବା କିମ୍ବା ସେମାନଙ୍କୁ ଅଦରକାରୀ ଓ ଦଳିତ ଶ୍ରେଣୀରେ ଗଣିବା । ସମସ୍ୟାର ସମାଧାନ ପାଇଁ ଏହି ପରିସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ନିହିତାର୍ଥ ହେବବୋଲି ତୁମେ ଭାବୁଛ କି ? ଗଣତନ୍ତ୍ର ସଫଳତାର ପାହାଚ ଚଢିପାରିବ କି ଯଦି ଏହି ସମସ୍ତ ବହୁଜନ ସାମାଜିକ ଏବଂ ରାଷ୍ଟ୍ରୀୟ ପ୍ରକ୍ରିୟାରେ ସଂପୃକ୍ତ ନହେବେ ? ନିମ୍ନ ପଦସ୍ଥ ପରିପ୍ରେକ୍ଷଣଙ୍କର ସମାଜ, ବିକାଶ ଏବଂ ଶାସନ ନୀତି ସମ୍ପର୍କିତ ସମସ୍ୟାଗୁଡିକ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି । ଏହା ମଧ୍ୟ ପରୀକ୍ଷଣକୁ ନିଆଯାଇଛି ଯେ ସେହି ବହୁଜନଙ୍କର ସ୍ୱର କିପରି ଶୁଣିବାକୁ ମିଳୁଥିଲା । ଏହି ନିମ୍ନ ପଦସ୍ଥ ପରିପ୍ରେକ୍ଷଣ ଉଚ୍ଚଶ୍ରେଣୀ ସୃଷ୍ଟିର ପ୍ରବକ୍ତାଙ୍କର ଆଧିପତ୍ୟ ପ୍ରବୃତ୍ତି ଏବଂ କ୍ଷମତା - ନିୟନ୍ତ୍ରଣ ନିୟତିର କ୍ଷମତା ଅଧିକାରୀ ଏବଂ ନିମ୍ନ ପଦସ୍ଥଙ୍କର ଭାଗ୍ୟବିଧାତା ନୀତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହି ସମସ୍ୟାର ପରିପ୍ରେକ୍ଷଣ ନୁହେଁ ଦାବିକୁ ନିମ୍ନ ପଦସ୍ଥଙ୍କର ଦୃଷ୍ଟିକୋଣରୁ ପରୀକ୍ଷା କରିବାକୁ ପଡିବ । ସେମାନଙ୍କୁ ସେମାନଙ୍କର ବିଷୟରେ କହିବାକୁ ସୁଯୋଗ ଦିଆଯାଉ । ଯେଉଁ ନିମ୍ନ ପଦସ୍ଥ ଲୋକମାନେ ସେମାନଙ୍କର ସ୍ୱର ଉତ୍ତୋଳନ କରୁନାହାଁନ୍ତି, ବର୍ତ୍ତମାନ ସମାଜ ପ୍ରତି ଆମର ବୁଝାମଣା ଅସମ୍ବନ୍ଧିତ ରହିବ ଯଦି ଆମେ ନିମ୍ନ ପଦସ୍ଥ ଗୋଷ୍ଠୀମାନଙ୍କ ଦୃଷ୍ଟିକୋଣକୁ ଉପେକ୍ଷା କରିବା ଏବଂ ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଏହି ସୂକ୍ଷ୍ମାନୁଭବୀ ସହିତ ଜଡିତ ନକରିବା ।

### ୨.୨.୬. ଲିଙ୍ଗ, ଜାତି ଏବଂ ଆଦିବାସୀ ପ୍ରସଙ୍ଗରେ ଆଲୋଚନା :

ନିମ୍ନରେ ଦିଆଯାଇଥିବା ଟେବୁଲରେ ସବୁ ରାଜ୍ୟର ଜନସଂଖ୍ୟାର ପୁରୁଷ ଏବଂ ମହିଳାମାନଙ୍କ ସାକ୍ଷରତା ହାର ତଥ୍ୟ ଦିଆଯାଇଛି ।

ଟେବୁଲ୍ ୨.୧.: ଭାରତୀୟ ରାଜ୍ୟମାନଙ୍କରେ ସାକ୍ଷରତା ହାର : ୨୦୧୧ ଜନଗଣନା

| ରାଜ୍ୟ | | ଲୋକମାନଙ୍କର | ପୁରୁଷ | ମହିଳା |
|---|---|---|---|---|
| ୧. | ଆଣ୍ଡାମାନ୍ ଓ ନିକୋବର | ୮୬.୩% | ୯୦.୧% | ୮୧.୮% |
| ୨. | ଆନ୍ଧ୍ରପ୍ରଦେଶ | ୬୭.୭% | ୭୫.୬% | ୫୯.୭% |

ଟିପ୍ପଣୀ

| | | | | |
|---|---|---|---|---|
| ୩. | ଅରୁଣାଚଳ ପ୍ରଦେଶ | ୬୭.୦% | ୭୩.୭% | ୫୯.୬% |
| ୪. | ଆସାମ | ୭୩.୨% | ୭୮.୮% | ୬୭.୩% |
| ୫. | ବିହାର | ୬୩.୮% | ୭୩.୫% | ୫୩.୩% |
| ୬. | ଚଣ୍ଡିଗଡ | ୮୬.୪% | ୯୦.୫% | ୮୧.୪% |
| ୭. | ଛତିଶଗଡ | ୭୧.୦% | ୮୧.୫% | ୬୦.୬% |
| ୮. | ଦାଦ୍ରା ଓ ନଗର ହାବେଳି | ୭୭.୭% | ୮୬.୫% | ୬୫.୯% |
| ୯. | ଡାମନ୍ ଓ ଡିଉ | ୮୭.୧% | ୯୧.୫% | ୭୯.୬% |
| ୧୦. | ଦିଲ୍ଲୀ | ୮୬.୩% | ୯୧.୦% | ୮୦.୯% |
| ୧୧. | ଗୋଆ | ୮୭.୪% | ୯୨.୮% | ୮୧.୮% |
| ୧୨. | ଗୁଜୁରାଟ | ୭୯.୩% | ୮୭.୨% | ୭୦.୭% |
| ୧୩. | ହରିୟାଣା | ୭୬.୬% | ୮୫.୪% | ୬୬.୮% |
| ୧୪. | ହିମାଚଳ ପ୍ରଦେଶ | ୮୩.୮% | ୯୦.୮% | ୭୬.୬% |
| ୧୫. | ଜାମ୍ମୁ ଓ କାଶ୍ମୀର | ୬୮.୭% | ୭୮.୩% | ୫୮.୦% |
| ୧୬. | ଝାଡଖଣ୍ଡ | ୬୬.୬% | ୭୮.୫% | ୫୬.୨% |
| ୧୭. | କର୍ଣ୍ଣାଟକ | ୭୫.୬% | ୮୨.୨% | ୬୮.୧% |
| ୧୮. | କେରଳ | ୯୩.୯% | ୯୬.୦% | ୯୨.୦% |
| ୧୯. | ଲାକ୍ଷାଦ୍ୱୀପ | ୯୨.୩% | ୯୬.୧% | ୮୮.୨% |
| ୨୦. | ମଧ୍ୟପ୍ରଦେଶ | ୭୦.୬% | ୮୦.୫% | ୬୦.୦% |
| ୨୧. | ମହାରାଷ୍ଟ୍ର | ୮୨.୯% | ୮୯.୮% | ୭୫.୫% |
| ୨୨. | ମଣିପୁର | ୭୯.୮% | ୮୬.୫% | ୭୩.୨% |
| ୨୩. | ମେଘାଳୟ | ୭୫.୫% | ୭୭.୨% | ୭୩.୮% |
| ୨୪. | ମିଜୋରାମ | ୯୧.୬% | ୯୩.୭% | ୮୯.୪% |
| ୨୫. | ନାଗାଲାଣ୍ଡ | ୮୦.୧% | ୮୩.୩% | ୭୬.୭% |
| ୨୬. | ଓଡିଶା | ୭୩.୫% | ୮୨.୪% | ୬୪.୪% |
| ୨୭. | ପଣ୍ଡିଚେରୀ | ୮୬.୫% | ୯୨.୧% | ୮୧.୨% |
| ୨୮. | ପଞ୍ଜାବ | ୭୬.୭% | ୮୧.୫% | ୭୧.୩% |
| ୨୯. | ରାଜସ୍ଥାନ | ୬୭.୧% | ୮୦.୫% | ୫୨.୭% |
| ୩୦. | ସିକ୍କିମ୍ | ୮୨.୨% | ୮୭.୩% | ୭୬.୪% |
| ୩୧. | ତାମିଲନାଡୁ | ୮୦.୩% | ୮୬.୮% | ୭୩.୯% |
| ୩୨. | ତ୍ରିପୁରା | ୮୭.୮% | ୯୨.୨% | ୮୩.୧% |



ଟିପ୍ପଣୀ

| | | | | |
|---|---|---|---|---|
| ୩୩. | ଉତ୍ତର ପ୍ରଦେଶ | ୬୯.୭% | ୭୯.୨% | ୫୯.୩% |
| ୩୪. | ଉତ୍ତରାଖଣ୍ଡ | ୭୯.୬% | ୮୮.୩% | ୭୦.୭% |
| ୩୫. | ପଶ୍ଚିମବଙ୍ଗ | ୭୭.୧% | ୮୨.୭% | ୭୧.୨% |
| | ଭାରତ | ୭୪.୦୪% | ୮୨.୧୪% | ୬୫.୪୬% |

(source : Census of India, 2011)

ଯଦି ତୁମେ ଏହି ଟେବୁଲକୁ ଭଲଭାବେ ଲକ୍ଷ୍ୟ କରିବ ତେବେ ଜାଣିପାରିବ ବିଭିନ୍ନ ରାଜ୍ୟର ପୁରୁଷ ଏବଂ ମହିଳାମାନଙ୍କର ସାକ୍ଷରତା ହାର ମଧ୍ୟରେ କେତେ ଅନ୍ତର ଅଛି ।

ଆମର ସର୍ବମୋଟ ଜନସଂଖ୍ୟାରୁ ମୋଟାମୋଟି ଭାବେ ଅଧା ମହିଳା ଅଛନ୍ତି । ଭାରତୀୟ ସମାଜରେ ମା' ମାନଙ୍କୁ ପୂଜା କରିବା ପରମ୍ପରା ରହିଥିଲେ ମଧ୍ୟ, ପୁରୁଷମାନଙ୍କ ସହିତ ସମତୁଲ ନୁହନ୍ତି । ଜନସଂଖ୍ୟା ଗଣନାର ଏହି ଟେବୁଲକୁ ଯଦି ଆମେ ବିଶ୍ଳେଷଣ କରିବା ତେବେ ଆମେ ଏହି ଫଳାଫଳରେ ଉପନୀତ ହେବା ଯେକୌଣସି ଶ୍ରେଣୀ ଯଥା:- ସାଧାରଣ କିମ୍ବା ଅନୁସୂଚିତ ଜାତି / ଜନଜାତିରେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ କମ ଶିକ୍ଷିତ । ଭାରତରେ ତୁମେ ଏହା ମଧ୍ୟ ଅନୁଧ୍ୟାନ କରିଥିବ ଯେ ଲିଙ୍ଗଗତ ଅନୁପାତ ଦୃଷ୍ଟିକୋଣରୁ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା କମ୍ । ଭାରତରେ ରାଜନୈତିକ ପ୍ରକ୍ରିୟାରେ ମଧ୍ୟ ମହିଳା ମାନଙ୍କର ଅଂଶଗ୍ରହଣ ପୁରୁଷମାନଙ୍କ ତୁଳନାରେ ସ୍ୱଳ୍ପ, ନିର୍ବାଚିତ ପ୍ରତିନିଧିତ୍ୱରେ ମଧ୍ୟ ସେମାନଙ୍କର ସଂଖ୍ୟା ସ୍ୱଳ୍ପ ଏବଂ ଅଧିକାଂଶ ସମ୍ପତ୍ତି ପୁରୁଷମାନଙ୍କ ନାମରେ ଅଛି । ଭାରତରେ ବିଭିନ୍ନ ସାମାଜିକ ଅବସ୍ଥା କ୍ଷେତ୍ରରେ ମହିଳାମାନେ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ଏହାଛଡା ଆମର ଶିକ୍ଷିତ ସହରର ରାସ୍ତା ମଧ୍ୟ ସେମାନଙ୍କ ପାଇଁ ନିରାପଦ ନୁହେଁ । ସେମାନଙ୍କର ନିଜର ଘରେ ସେମାନଙ୍କର ନିରାପତ୍ତା ଏବଂ କଲ୍ୟାଣର ସଙ୍କଟ ମଧ୍ୟ ଦେଖାଯାଏ, ଯାହାଫଳରେ ଏହି ଦେଶରେ ଏକ ଶୋଚନୀୟ ଘରୋଇ ହିଂସାକୁ ବିରୋଧ କରି ଅଧିନିୟମ ପ୍ରଣୟନ ମଧ୍ୟ କରାଯାଇଛି । ତେଣୁ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ମହିଳାମାନଙ୍କୁ ସମ୍ମାନ ଦେବା, ସମାନ ବ୍ୟବହାର ଦେଖାଇବା, ସେମାନଙ୍କର ସଶକ୍ତିକରଣ ସମ୍ପର୍କରେ ଚିନ୍ତା କରିବା ଏବଂ ସ୍ୱତନ୍ତ୍ରତା ଦେବା ଇତ୍ୟାଦି ଯଥେଷ୍ଟ ହେବ ନାହିଁ । ବାସ୍ତବରେ ଯେତେବେଳେ ଏପରି ପରିସ୍ଥିତି ଦେଖାଯିବ ଯେଉଁଟା ସେମାନଙ୍କୁ ପ୍ରତିକୂଳ ପରିସ୍ଥିତି ଆଡକୁ ନେଇଯିବ, ସେତେବେଳେ ବିପରୀତ ଲିଙ୍ଗ ସେମାନଙ୍କର ପ୍ରତି ସକାରାତ୍ମକ ମନୋବୃତ୍ତି ପୋଷଣ କରିବା ସହିତ ସେମାନଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କର ଇଚ୍ଛାକୁ ସମ୍ମାନ ମଧ୍ୟ ଦେବେ । ଭାରତରେ ପୂର୍ବରୁ ପୁରୁଷ ପିଲାଙ୍କ ସଂସ୍କାର ବଦ୍ଧତା ଏପରିକି ମା' ମାନଙ୍କ ନୀତି ମଧ୍ୟ ମହିଳା ବିରୋଧୀ ଥିଲା ।

ଭାରତ ଏବଂ ଅନ୍ୟ ମନୋନୀତ ରାଜ୍ୟରେ ଲିଙ୍ଗଗତ ଅନୁପାତ (୧୦୦୦ ପୁରୁଷରେ ମହିଳାମାନଙ୍କ ସଂଖ୍ୟା)

| ଭାରତ | ବିହାର | ଛତିଶ୍‌ଗଡ | ଝାଡଖଣ୍ଡ | ଓଡିଶା | ପଞ୍ଜାବ | ଉତ୍ତରପ୍ରଦେଶ | ତୁମ ରାଜ୍ୟ |
|---|---|---|---|---|---|---|---|
| ୯୪୦ | ୯୧୬ | ୯୯୧ | ୯୪୭ | ୯୭୮ | ୮୯୩ | ୯୦୮ | ଖୋଜ ଏବଂ ଲେଖ |

(source : Census of India, 2011)

ଭାରତପରି ଏକ ଉଦାର ଗଣତାନ୍ତ୍ରିକ ଦେଶ ଯେତେବେଳେ ବିଶ୍ୱରେ 'ବିକଶିତ' ସ୍ଥିତିର ମାନ୍ୟତା ଦାବି କରେ ସେତେବେଳେ ଏହି ସ୍ଥିତି ପ୍ରଶଂସନୀୟ ନୁହେଁ ।

ଏହି ପରିସ୍ଥିତି ଭାରତୀୟମାନଙ୍କ ଠାରେ ଏକ ବ୍ୟାବହାରିକ ପରିବର୍ତ୍ତନ ଦାବିକରେ । ନିୟମ ଏବଂ କାରକ ସାମାଜିକ ପରିବର୍ତ୍ତନ ଆଣିବାରେ ଏକ ଅପର୍ଯ୍ୟାପ୍ତ ସାଧନ ଅଟନ୍ତି । ସାମାଜିକ ବିଜ୍ଞାନ ଏକ ବିଷୟ ରୂପରେ ଏବଂ ତୁମେ ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ହିସାବରେ ଶିକ୍ଷାର୍ଥୀ ମାନଙ୍କଠାରେ ଏହି ବ୍ୟାବହାରିକ ପରିବର୍ତ୍ତନପାଇଁ ବହୁତ କିଛି କରିପାରିବ । ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଲିଙ୍ଗଗତ ସମାନତା ଭଳି ବିଷୟଗୁଡିକ ପାଇଁ ଭାରତର ଭବିଷ୍ୟତ ନାଗରିକମାନଙ୍କୁ ସଂବେଦନଶୀଳ କରିବା ଉଚିତ୍ । ଭାରତର ଇତିହାସ ଏବଂ ସମାଜରେ

ଟିପ୍ପଣୀ

କେବଳ କେତେକ ଆଦର୍ଶ ନାରୀମାନଙ୍କର ଅବଦାନକୁ ଆଲୋଚନା କରିବା ପର୍ଯ୍ୟାପ୍ତ ନୁହେଁ । ମହିଳାମାନେ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ, ସମାଜର କଲ୍ୟାଣରେ ସେମାନଙ୍କ ଅବଦାନ, ଦେଶର ଅର୍ଥନୀତିରେ ସେମାନଙ୍କର ଭାଗିଦାରୀ, ସମାନତା, ସମ୍ମାନପ୍ରାପ୍ତି ବା ମର୍ଯ୍ୟାଦା ଏବଂ ଗାରିମାର ଅଧିକାର ସଂକ୍ରାନ୍ତରେ ଆମର ଧ୍ୟାନ ଆକର୍ଷଣ ଜରୁରୀ । ଶିଶୁକନ୍ୟାମାନଙ୍କର ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଅଧିକରୁ ଅଧିକ ବାଳିକା ବର୍ତ୍ତମାନ ବିଦ୍ୟାଳୟରେ ପଢିବା ସହିତ ସ୍ୱାଧିନତା ପରଠାରୁ ମହିଳା ସ୍ୱାକ୍ଷରତା ହାର ବଢିବାରେ ଲାଗିଛି । ବାଳିକାମାନଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଲିଙ୍ଗଗତ ସମାନତା ଆହରଣ କ୍ଷେତ୍ରରେ ବର୍ତ୍ତମାନ ମଧ୍ୟ ବହୁତ କିଛି କରିବାର ରହିଛି ।

ଭାରତର ପଛୁଆଜାତିଗୁଡିକ ବିଭିନ୍ନ ପ୍ରକାର ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଧାର୍ମିକ ଅଧିକାରଗୁଡିକରୁ ବଂଚିତ ହେଉଛନ୍ତି । ଜାତିପ୍ରଥାର ବର୍ଗୀକରଣର ଶେଷ ସୋପାନରେ ରହି ସେମାନେ ଦାରିଦ୍ର୍ୟ, ଲାଂଛନା ଏବଂ ଶୋଷଣର ଶିକାର ହୁଅନ୍ତି । ସମକାଳୀନ ଭାରତୀୟ ସମାଜର ସଂରଚନା ପଛୁଆଜାତି ଗୁଡିକର ପ୍ରଭାବକୁ ବଜାୟ ରଖିଛନ୍ତି । ବର୍ତ୍ତମାନର ଆବଶ୍ୟକତା ତର୍କସଂଗତ ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରା ଜରିଆରେ ନିଜର ସ୍ୱୟଂ ବିଚାରଧାରା ଏବଂ କ୍ଷମତାଗୁଡିକୁ ଉପଯୋଗ କରି ଆଗକୁ ଯିବାକୁ ପଛୁଆଜାତି ଗୁଡିକର ଇଚ୍ଛାଗୁଡିକୁ ଦୃଢ଼ କରିବା ଅଟେ । କାର୍ଯ୍ୟ ଏବଂ ରାଜନୀତିରେ ନେତୃତ୍ୱ ଏବଂ ପ୍ରବେଶ ନିମନ୍ତେ ପଛୁଆ ଜାତିଗୁଡିକ ନିଜସ୍ୱ କ୍ଷମତା ଏବଂ ଗୁଣବତ୍ତାକୁ ମଧ୍ୟ ଉନ୍ନତ କରିବା ଅତ୍ୟନ୍ତ ଜରୁରୀ । ପଛୁଆ ଜାତିଗୁଡିକର ମଧ୍ୟ ଆତ୍ମସମ୍ମାନର ଆକାଂକ୍ଷା ଏବଂ ସମ୍ମାନଜନକ ଜୀବନଶୈଳୀ ରହିଛି ଯେଉଁଥିରେ ହୀନଦୃଷ୍ଟି ରହିଥିବା ପ୍ରଥାଗୁଡିକର କୌଣସିସ୍ଥାନ ନାହିଁ ବୋଲି ପ୍ରବର୍ତ୍ତାଇବା ଉଚିତ । ଗୋଟିଏ ଅର୍ଥପୂର୍ଣ୍ଣ ରୂପାନ୍ତରୀକରଣ ପ୍ରକ୍ରିୟା ପାଇଁ ସମସ୍ତ କାର୍ଯ୍ୟକଳାପ ଏବଂ ଅଗ୍ରଗତି ନିମ୍ନ ସ୍ତରରୁ ଅର୍ଥାତ୍ ପଛୁଆ ବର୍ଗର ଜାତି ଠାରୁ ଆରମ୍ଭ ହେବା ଆବଶ୍ୟକ ।

ଜାଗୃତିର ନିର୍ମାଣ କରିବାପାଇଁ ଶିକ୍ଷା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସାଧନ ଅଟେ ଏବଂ ଏହା ହଜାରେ ବର୍ଷର ଭେଦଭାବ ଏବଂ ଉତ୍ପୀଡନକୁ ଦୂର କରିବାରେ ସକ୍ଷମ । "ଅନୁସୂଚିତ ଜାତି ଶୈକ୍ଷିକ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ସେମାନଙ୍କୁ ଶିକ୍ଷାର ସମସ୍ତ ଅବସ୍ଥା ଏବଂ ସ୍ତରରେ, ସମସ୍ତ କ୍ଷେତ୍ରରେ ଏବଂ ସମସ୍ତ ଚାରି ପରିସର - ଗ୍ରାମୀଣ ପୁରୁଷ, ଗ୍ରାମୀଣ ମହିଳା, ସହରୀ ପୁରୁଷ ଏବଂ ସହରୀ ମହିଳା ଗୁଡିକରେ ଅଣଅନୁସୂଚିତ ଜାତିର ଜନସାଧାରଣ ମାନଙ୍କ ସହ ସମକକ୍ଷ କରାଇବା ।" (NPE, 1986)

**ଟେବୁଲ୍ ୨.୩ : କେତେକ ମନୋନୀତ ରାଜ୍ୟଗୁଡିକରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଜନସଂଖ୍ୟାର ସାକ୍ଷରତା ହାର ।**

| ରାଜ୍ୟ | ଅନୁସୂଚିତ ଜାତି | | ଅନୁସୂଚିତ ଜନଜାତି | |
|---|---|---|---|---|
| | ସମସ୍ତ ବ୍ୟକ୍ତି | ମହିଳା | ସମସ୍ତ ବ୍ୟକ୍ତି | ମହିଳା |
| ବିହାର | ୨୮.୫ | ୧୫.୬. | ୨୮.୨ | ୧୫.୫ |
| ଛତିଶଗଡ | ୬୪.୦ | ୪୯.୨ | ୫୨.୧. | ୩୯.୩ |
| ଝାଡଖଣ୍ଡ | ୩୭.୬ | ୨୨.୫ | ୪୦.୭ | ୨୭.୨ |
| ଓଡିଶା | ୫୫.୫ | ୪୦.୩ | ୩୭.୪ | ୨୩.୪ |
| ଉତ୍ତରପ୍ରଦେଶ | ୪୬.୩ | ୩୦.୫ | ୩୫.୧ | ୨୦.୭ |
| ଭାରତ | ୫୪.୬୯ | | ୪୭.୧୦ | |

(source : Census of India, 2001)

ବୈପ୍ଳବିକ ସାମାଜିକ ପରିବର୍ତ୍ତନ ନିମନ୍ତେ ସଂଘର୍ଷରେ ଶିକ୍ଷା ଏକ ଶକ୍ତିଶାଳୀ ଅସ୍ତ୍ରଅଟେ । ଶିକ୍ଷାରେ ସକ୍ରିୟାତ୍ମକ ରୂପେ ଅଂଶଗ୍ରହଣ ପୂର୍ବକ ପଛୁଆବର୍ଗର ଶିଶୁମାନେ ପ୍ରଚଳିତ ପୁରୁଣା ପ୍ରଥା ଓ ଅର୍ଥନୈତିକ ପ୍ରତିବନ୍ଧକକୁ ଭାଙ୍ଗିବା ଆବଶ୍ୟକ ଅଟେ ।

ଶିକ୍ଷା ମାନସିକ ଜାଗୃତି  ଏବଂ ସାମାଜିକ ଏବଂ ନୈତିକତାର ନିର୍ମାଣ ପାଇଁ ମାର୍ଗଦର୍ଶାଇବା ଉଚିତ । ମନର ସଂକୀର୍ଣ୍ଣତା ଏବଂ ସ୍ଥିତି ଉପରେ ଜୟଲାଭ କରିବା ପାଇଁ ଶିକ୍ଷା ଏକ ସାଧନ ଅଟେ । ପାଠ୍ୟକ୍ରମ ଏହି ଲୋକମାନଙ୍କର ସଂସ୍କୃତି, ଭାଷା ଏବଂ ଜ୍ଞାନ ପ୍ରତି ମଧ ସଂବେଦନଶୀଳ ହେବା ଆବଶ୍ୟକ ଅଟେ । ପଛୁଆବର୍ଗର ଶିକ୍ଷାର୍ଥୀମାନଙ୍କୁ ମଧ ଏହି ସୁଯୋଗ ଉପଲବ୍ଧ ହେବା ଉଚିତ୍ ଯେ ସେମାନେ ତାଙ୍କର ପଡୋଶୀ ଏବଂ ସଂସ୍କୃତି ସହ ଜଡିତ କେଉଁ ଧାରଣା ସମ୍ପର୍କରେ ବିଦ୍ୟାଳୟରୁ  ଶିକ୍ଷାଲାଭ କରୁଛନ୍ତି । ଅନ୍ୟଥା, ସେମାନଙ୍କର ନିକୃଷ୍ଟତା ଏବଂ ହସ୍ତାନ୍ତରର ଏକ ଜଟିଳ ଅନୁଭବ ବିକଶିତ ହେବ ଯଦି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରାଯିବ ଏବଂ ପ୍ରଭାବଶାଳୀ ଗୋଷ୍ଠୀଙ୍କ ଦ୍ୱାରା ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ଯେକୌଣସି ଜିନିଷକୁ ଗ୍ରହଣ କରିବେ ।

ଅନୁସୂଚିତ ଜନଜାତି ଭାରତୀୟ ଜନସଂଖ୍ୟାରେ ଏକ ଆଖିଦୃଶିଆ ଅଂଶ ଗଠନ କରନ୍ତି । ପାରମ୍ପରିକ ଭାବରେ ସେମାନେ ନିଜର ନିଜସ୍ୱଭାଷା ଏବଂ ପୃଥକ ସଂସ୍କୃତି ସହିତ ସ୍ୱତନ୍ତ୍ରଭାବେ ଜୀବନଯାପନ କରୁଥିଲେ । ଅଧିକାଂଶ ଜନଜାତିମାନଙ୍କର ନିଜସ୍ୱ ଭାଷା ଅଛି, ତାହାମଧ କେବଳ ଗୋଟିଏ କଥିତ ଭାଷା । ସେମାନଙ୍କର ନିଜସ୍ୱ ପ୍ରଥା, ପରମ୍ପରା ଏବଂ ମୂଲ୍ୟବ୍ୟବସ୍ଥା ରହିଛି । ଜନଜାତିମାନଙ୍କର ମଧ ଏକ ନିଜସ୍ୱ ଜ୍ଞାନର ରୂପରେଖ  ଅଛି । ପ୍ରକୃତିର ଅନ୍ତରଙ୍ଗଜ୍ଞାନ ସେମାନଙ୍କୁ ଅଦ୍ୱିତୀୟ କରିଥାଏ; ସେମାନେ ପ୍ରକୃତି ସହିତ ଅତି ନିବିଡ ଭାବରେ ଏବଂ ଶାନ୍ତିପୂର୍ଣ୍ଣଭାବରେ ପ୍ରକୃତିର ଅନ୍ୟ ତତ୍ତ୍ୱମାନଙ୍କ ସହ ବସବାସ କରନ୍ତି । ନିଜର ଗରିମା ଏବଂ ବଞ୍ଚିବା ଶୈଳୀକୁ ସଗର୍ବରେ ରକ୍ଷା କରିବା ପାଇଁ ସେମାନେ ସର୍ବଦା ତତ୍ପର । ସେମାନଙ୍କ ମଧ୍ୟରୁ ଅନେକ ପରାକ୍ରମର ସହ ବ୍ରିଟିଶ୍‌ମାନଙ୍କ ସହ ନିଜର ଭୂମି ଏବଂ ସଂସ୍କୃତିର ରକ୍ଷାପାଇଁ ଯୁଦ୍ଧ କରିଛନ୍ତି । ଯାହାମଧରୁ ସାନ୍ତାଳ ବିଦ୍ରୋହ, ୧୮୮୫ ଏବଂ ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ବିପ୍ଳବ କେବଳ କିଛି ଉଦାହରଣ ଅଟେ ।

ଯେହେତୁ ଜନଜାତି ବସତିଗୁଡିକ ମୂଖ୍ୟତଃ ଦୁର୍ଗମ କ୍ଷେତ୍ର ଏବଂ ପାହାଡିଆ ସ୍ଥାନରେ ଅବସ୍ଥିତ ସେହି କାରଣରୁ ସେମାନେ ବର୍ତ୍ତମାନର ଆଧୁନିକ ଯୁଗ ଶିକ୍ଷ ଏବଂ ରାଜନୈତିକ କେନ୍ଦ୍ରଠାରୁ ଦୂରରେ । ଯାହା ଫଳରେ ସେମାନେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କର ଭିନ୍ନ ଭାଷା ସେମାନଙ୍କର ପିଲାମାନଙ୍କପାଇଁ ଅନ୍ୟ ଏକ ପ୍ରତିବନ୍ଧକ ସୃଷ୍ଟିକରେ ଯେଉଁମାନେ  ଅନ୍ୟ ଏକ ଭାଷାରେ ଶିକ୍ଷାଲାଭ କରନ୍ତି, ଯାହା ସାଧାରଣତଃ ସେମାନଙ୍କ ପାଇଁ ବିଦେଶୀ ଭାଷା ଅଟେ । ଏହା ବାସ୍ତବ ଯେ ସେମାନଙ୍କର ସଂସ୍କୃତି ଏବଂ ପରମ୍ପରାଗୁଡିକ କଦାଚିତ୍ ବିଦ୍ୟାଳୟ ପାଠ୍ୟ ସୂଚୀ ଏବଂ ପୁସ୍ତକରେ ବର୍ଣ୍ଣନା କରାଯାଏ ଯାହାକି ଜନଜାତି ଶିକ୍ଷାର୍ଥୀମାନଙ୍କ ସମସ୍ୟାକୁ ବୃଦ୍ଧିକରେ କାରଣ ସେମାନଙ୍କ ବିଦ୍ୟାଳୟ ଶିକ୍ଷାକୁ ସେମାନେ ନିଜର ପାରିପାର୍ଶ୍ୱିକ ପରିବେଶ ସହ ସଂପର୍କିତ କରିପାରନ୍ତି ନାହିଁ । The National Policy on Education(1986) ଅନୁସାରେ "ପ୍ରତ୍ୟେକ ଶ୍ରେଣୀରେ ଶିକ୍ଷା ସମ୍ବନ୍ଧୀୟ ପାଠ୍ୟସୂଚୀ ଏପରି ଭାବେ ପ୍ରସ୍ତୁତ କରାଯିବା ଦରକାର ଯେପରି ଅନୁସୂଚିତ ଜନଜାତିଙ୍କର ସମୃଦ୍ଧ ସାଂସ୍କୃତିକ ପରିଚୟ ସଂକ୍ରାନ୍ତରେ ସଚେତନତା ଭାବ ସୃଷ୍ଟି ହେବା ସହିତ ସେମାନଙ୍କର ସୃଜନାତ୍ମକ ପ୍ରତିଭାର ବିକାଶ ହୋଇପାରିବ । "

ଜନଜାତିମାନଙ୍କର ଇତିହାସ, ସଂସ୍କୃତି, ପରିବେଶ ଏବଂ ବିକାଶ ପରିପ୍ରେକ୍ଷୀରେ ଆଲୋଚନା ନିମନ୍ତେ ସାମାଜିକ ବିଜ୍ଞାନ ଏକ ଯଥାଯୋଗ୍ୟ ବିଷୟ ଅଟେ ।

**କ୍ରିୟାକଳାପ- ୪**

୧. ଜନଗଣନା ତଥ୍ୟରୁ ଭାରତର ଏବଂ ତୁମ ରାଜ୍ୟର ଲିଙ୍ଗଗତ ଅନୁପାତ (ପ୍ରତି ଏକ ହଜାର ପୁରୁଷମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା) ନିର୍ଣ୍ଣୟ କର ।

୨. ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟ ସାଧାରଣ ଜାତିଗୁଡିକ ମଧ୍ୟରେ ସାକ୍ଷରତାହାରକୁ ତୁଳନା କର । ସାଧାରଣ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିରେ ମହିଳାମାନଙ୍କର ସାକ୍ଷରତା ହାରକୁ ପୁରୁଷମାନଙ୍କ ସହ ତୁଳନା କର ।  କ'ଣ ପର୍ଯ୍ୟବେକ୍ଷଣ କଲ ? କେଉଁ ଶ୍ରେଣୀଗୁଡିକୁ ତୁମେ ପଛୁଆ ବୋଲି ଭାବୁଛ ? କେଉଁ ଗୋଟିଏ ଶ୍ରେଣୀ ସବୁଠାରୁ ଅନ୍ୟଶ୍ରେଣୀମାନଙ୍କ ମଧ୍ୟରେ ଶିକ୍ଷାକ୍ଷେତ୍ରରେ    ପଛୁଆ ବୋଲି ବିବେଚନା କରୁଛ ?

ଟିପ୍ପଣୀ

୩. କେଉଁ ରାଜ୍ୟଗୁଡ଼ିକରେ ସର୍ବାଧିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଲୋକ ବାସକରନ୍ତି ନିର୍ଣ୍ଣୟ କର । ଯେଉଁ ରାଜ୍ୟରେ ଅଧିକ ହାରରେ ଅନୁସୂଚିତ ଜାତି ଓ ଜନଜାତିର ଲୋକମାନେ ବାସ କରିଥାନ୍ତି ସେମାନଙ୍କ ତୁଳନାରେ ଅନ୍ୟ ରାଜ୍ୟମାନଙ୍କରେ ଅର୍ଥନୈତିକ ଓ ବିକାଶଗତ ଅବସ୍ଥାରେ ତୁମେ କ'ଣ ଲକ୍ଷ୍ୟ କରୁଛ ? ତୁମେ ତୁମ ଅଧ୍ୟୟନରୁ କ'ଣ ସାରାଂଶ ପାଇଲ ? ତୁମେ ତୁମ ଉପସଂହାରକୁ ଲିଖିତ ଆକାରରେ ପ୍ରକାଶ କର ଏବଂ ଏହାକୁ ତୁମ ଶିକ୍ଷାର୍ଥୀ ଓ ସହକର୍ମଚାରୀ ମାନଙ୍କସହ ଆଲୋଚନା କର ।

୪. ତୁମେ ତୁମର ଜନଗଣନାର ଅଧ୍ୟୟନକୁ ପାଥେୟ କରି ସର୍ବାଧିକ ଗୋଟିଏ ଦୁର୍ବଳ ଗୋଷ୍ଠୀକୁ ଚିହ୍ନଟ କର ।

ନିଜ ଅଗ୍ରଗତି ଆକଳନ :- ୩

(୧) ନିମ୍ନପଦସ୍ଥମାନେ କିଏ ?

(୨) ଇତିହାସରୁ ଗୋଟିଏ ନିମ୍ନପଦସ୍ଥ ଆନ୍ଦୋଳନର ନାମ କୁହ ।

(୩) ସାକ୍ଷରତାହାର ଅନୁସାରେ ସବୁଠାରୁ ପଛୁଆ ଗୋଷ୍ଠୀ କିଏ ?

**୨.୨.୭. ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଆନ୍ତର୍ଜାତିକ ପରିପ୍ରେକ୍ଷଣ :**

ବର୍ତ୍ତମାନ ଆମ୍ଭେମାନେ ଜଗତିକରଣ ଯୁଗରେ ବଞ୍ଚୁଛେ । ସାମ୍ପ୍ରତିକ ଯୁଗର ଲୋକମାନେ ଏବଂ ଦେଶଗୁଡ଼ିକ ପରସ୍ପର ସଂପୃକ୍ତ ଏବଂ ପରସ୍ପର ନିର୍ଭରଶୀଳ ଅଟନ୍ତି । ଉନ୍ନତମାନର ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥା ଜନସାଧାରଣ ଏବଂ ସ୍ଥାନକୁ ଅତି ନିବିଡ଼ କରିଛି । ବର୍ତ୍ତମାନର ସମାଜ ଓ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ମୁଖ୍ୟତଃ ଆନ୍ତଃରାଷ୍ଟ୍ରୀୟ ପ୍ରକୃତିର ଅଟେ । ଉଦାହରଣ ସ୍ୱରୂପ ପରିବେଶଗତ ସମସ୍ୟାଗୁଡ଼ିକ ସହ ପୃଥିବୀର ସମସ୍ତ ଜନସାଧାରଣ ଜଡ଼ିତ । ପରିବେଶ ସୁରକ୍ଷା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରାକୃତିକ ସମ୍ବଳର ସଦୁପଯୋଗ ସମସ୍ତ ଜନସାଧାରଣ ଏବଂ ସମାଜର କାର୍ଯ୍ୟଅଟେ । ସମଗ୍ର ମାନବସମାଜ ଉପରେ ପ୍ରଭାବ ପକାଉଥିବା ଅନ୍ୟ କେତେକ ସମସ୍ୟା ହେଲା, ବାଣିଜ୍ୟ ଏବଂ ବ୍ୟବସାୟ, ଅନ୍ତଃରାଷ୍ଟ୍ରୀୟ ଶାନ୍ତି, ଯୁଦ୍ଧ ନିୟନ୍ତ୍ରଣ ଏବଂ ଦେଶଗୁଡ଼ିକ ମଧ୍ୟରେ ଅସ୍ତ୍ର ପ୍ରତିଯୋଗିତା, ସନ୍ତ୍ରାସବାଦ, ସୁନାମି ଭଳି ବଡ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି । ବର୍ତ୍ତମାନ ଶିକ୍ଷାର୍ଥୀମାନଙ୍କୁ ଏହି ସମସ୍ତ ବିଶ୍ୱ ସମସ୍ୟାଗୁଡ଼ିକ ପ୍ରତିସଚେତନା କରାଇବା ସାମାଜିକ ବିଜ୍ଞାନର ଦାୟିତ୍ୱ ଅଟେ ।

ଆଧୁନିକ ଯୁଗରେ ମାନବବିକାଶ,ଉନ୍ନତ ଜୀବନ ଶୈଳୀ ଏବଂ ମାନବିକ ଅଧିକାର ମଧ୍ୟ ବିଶ୍ୱରେ ଗୁରୁତ୍ୱ ବହନ କରେ । ପୃଥିବୀର ଗୋଟିଏ ପାର୍ଶ୍ୱର ବିକାଶ ଅନ୍ୟ ଏକ ପ୍ରାନ୍ତକୁ ମଧ୍ୟ ପ୍ରଭାବିତ କରୁଛି । ବର୍ତ୍ତମାନ ବିଶ୍ୱର ବାସିନ୍ଦାମାନେ ବିଶ୍ୱର ଯେକୌଣସି ପ୍ରାନ୍ତରେ ବସବାସ କରୁଥିବା ଲୋକମାନଙ୍କ ସହ ଘଟୁଥିବା ଘଟଣା ପ୍ରତି ସଚେତନ । ଏହାବ୍ୟତୀତ ସମାନତା, ସ୍ୱତନ୍ତ୍ରତା, ନ୍ୟାୟ, ଲିଙ୍ଗଗତ ଏବଂ ଜାତିଗତ ମାନବିକ ମୂଲ୍ୟବୋଧଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସମାଜରେ ସୀମିତ ହୋଇ ରହି ନାହିଁ । ଅଧିକାଂଶ ସମାଜ ଉକ୍ତ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । ଏହି ସମସ୍ତ ସମସ୍ୟାଗୁଡ଼ିକୁ ବିଭିନ୍ନ ଦେଶରେ ସାମାଜିକ ବିଜ୍ଞାନ ପାଠ୍ୟସୂଚୀ ଦର୍ଶାଇଥାଏ ।

ଚାଲ ଅନୁସନ୍ଧାନ କରିବା ବିଶ୍ୱର ଅନ୍ୟ ପ୍ରାନ୍ତରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କ'ଣ ଘଟୁଛି ? ଆସ ସାମାଜିକବିଜ୍ଞାନ ଉପରେ ଅନ୍ତର୍ରାଷ୍ଟ୍ରୀୟ ସମସ୍ୟା ଗୁଡ଼ିକର ପ୍ରଭାବକୁ ବୁଝିବା ନିମନ୍ତେ ଦକ୍ଷିଣ ଆଫ୍ରିକାର ଉଦାହରଣ ନେବା ।

ଦକ୍ଷିଣ ଆଫ୍ରିକାର ସଂଶୋଧିତ ରାଷ୍ଟ୍ରୀୟ ପାଠ୍ୟକ୍ରମର ଆଠଟି ପ୍ରମୁଖ କ୍ଷେତ୍ର ମଧ୍ୟରେ ସାମାଜିକ ବିଜ୍ଞାନକୁ ଅନ୍ୟତମ କ୍ଷେତ୍ର ରୂପେ ସାମିଲ କରିଛି । ସାମାଜିକ ବିଜ୍ଞାନର ଶିକ୍ଷଣ କ୍ଷେତ୍ରଗୁଡ଼ିକ ମନୁଷ୍ୟମାନଙ୍କ ମଧ୍ୟରେ ସଂପର୍କ, ମନୁଷ୍ୟ ଓ ପରିବେଶ ମଧ୍ୟରେ ସଂପର୍କକୁ ଅଧ୍ୟୟନ କରିଥାଏ, ଯାହାକି ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ଲୋକମାନଙ୍କ ବ୍ୟବହାର, ମୂଲ୍ୟବୋଧ ଓ ବିଶ୍ୱାସଦ୍ୱାରା ପ୍ରଭାବିତ ଅଟେ । ଇତିହାସ ଓ ଭୂଗୋଳର ଧାରଣା, ଦକ୍ଷତା ଏବଂ ପ୍ରକ୍ରିୟା; ପରିବେଶ ସମ୍ବନ୍ଧୀୟ ଏବଂ

ମାନବାଧିକାର ଶିକ୍ଷା ଏହି କ୍ଷେତ୍ରର ଅବିଚ୍ଛେଦ୍ୟ ଅଙ୍ଗ । ସାମାଜିକ ବିଜ୍ଞାନ ଶିକ୍ଷାର କ୍ଷେତ୍ରଗୁଡିକ ଶିକ୍ଷାର୍ଥୀ କ'ଣ ଶିକ୍ଷା କରୁଛି, ଶିକ୍ଷାର୍ଥୀ କିପରି ଶିକ୍ଷାଗ୍ରହଣ କରୁଛି ଏବଂ ଜ୍ଞାନର ଗଠନ କରୁଛି ସେଥିପ୍ରତି ସଂବେଦନଶୀଳ ଅଟେ । ଶିକ୍ଷାର୍ଥୀମାନଙ୍କୁ ସେମାନେ ବାସକରୁଥିବା ସମାଜ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରଶ୍ନ ପଚାରିବାକୁ ଏବଂ ତାର ଉତ୍ତର ଅନୁସନ୍ଧାନ କରିବା ପାଇଁ ଏହା ପ୍ରୋତ୍ସାହିତ କରିଥାଏ । ଏହି ଶିକ୍ଷଣକ୍ଷେତ୍ରଟି ବିଜ୍ଞ, ମହତ୍ତ୍ୱପୂର୍ଣ୍ଣ ଏବଂ ଦାୟିତ୍ୱବାନ ନାଗରିକ, ଯିଏକି ଗଠନାତ୍ମକ ଭାବରେ ଗୋଟିଏ ସାଂସ୍କୃତିକ ବିବିଧତା ଏବଂ ପରିବର୍ତ୍ତନଶୀଳ ସମାଜର ବିକାଶ ପାଇଁ ଉଦ୍ଦିଷ୍ଟ, ସେଥିପ୍ରତି ଅଂଶଦାନ କରୁଥିବ । ଏହା ଶିକ୍ଷାର୍ଥୀମାନଙ୍କୁ ଏକ ନ୍ୟାୟସଙ୍ଗତ ଏବଂ ଗଣତାନ୍ତ୍ରିକ ସମାଜ ଗଠନରେ ଅଂଶଗ୍ରହଣ କରିବାପାଇଁ ପ୍ରସ୍ତୁତ କରାଏ । ପାଠ୍ୟସୂଚୀର ଉଦ୍ଦେଶ୍ୟ ହେଉଛି ଦେଶରେ ଅର୍ଥନୈତିକ ଓ ସାମାଜିକ ଅସମାନତା (ଜାତି ଭେଦ ଓ ଲିଙ୍ଗ ଭେଦ ସମେତ) ଦୂର କରି ଏକ ଜାତିହୀନ ବର୍ତ୍ତମାନ ଓ ଭବିଷ୍ୟତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ।

ସାମାଜିକ ବିଜ୍ଞାନ ପାଠ୍ୟସୂଚୀର ଅନ୍ତର୍ଭୁକ୍ତ କରାଯାଇଥିବା ଉପାଦାନଗୁଡିକ ହେଲା :- ଇତିହାସରେ ଅତୀତ ଏବଂ ବର୍ତ୍ତମାନର ଅନୁସନ୍ଧାନ କୌଶଳ ; ଭୂଗୋଳର ମୁଖ୍ୟ କାର୍ଯ୍ୟଧାରା; ମନୁଷ୍ୟ, ପରିବେଶ ଏବଂ ସମ୍ବଳ ମଧ୍ୟରେ ପାରସ୍ପରିକ ସଂପର୍କ; ଐତିହାସିକ ବ୍ୟାଖ୍ୟାର କୌଶଳ; ସ୍ଥାନୀୟ, ଜାତୀୟ ଏବଂ ବିଶ୍ୱସ୍ତରରେ ବିକାଶର ସମସ୍ୟାଗୁଡିକର ଯୁକ୍ତିଯୁକ୍ତ ବ୍ୟାଖ୍ୟାନ; ସଂବିଧାନ ଉପରେ ଆଧାରିତ ମୂଲ୍ୟବୋଧ; ମାନବିକ ଅଧିକାର ଏବଂ ପରିବେଶ ସମ୍ବନ୍ଧୀୟ ସମସ୍ୟା ।

ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟା ଯଥା :- ଜାତି, ଲିଙ୍ଗ, ଶ୍ରେଣୀଗୁଡିକୁ ଅନୁସନ୍ଧାନ କରିବା; ବିଦ୍ୱେଷ, ନରସଂହାର ଏବଂ ଅତୀତ ଓ ବର୍ତ୍ତମାନ ସମାଜରେ ଜାଣିବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ । ସମ୍ବଳର ସୁଲଭ ଯୋଗାଣ ଓ ବଣ୍ଟନ, ରାଜନୈତିକ କାର୍ଯ୍ୟଧାରା, ଲିଙ୍ଗଗତ ସଂପର୍କ ଏବଂ ଏହାର ଲୋକମାନଙ୍କ ଉପରେ ବର୍ତ୍ତମାନ ଏବଂ ଅତୀତରୁ ପଡିଆସୁଥିବା ପ୍ରଭାବ ସହିତ, ବର୍ତ୍ତମାନ ଏବଂ ଅତୀତ ମଧ୍ୟରେ ଥିବା ଦୃଢ଼ ସଂପର୍କକୁ ଅନୁସନ୍ଧାନ କରିବା ପାଠ୍ୟସୂଚୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷାର୍ଥୀମାନଙ୍କୁ ଦକ୍ଷିଣ ଆଫ୍ରିକା ଏବଂ ସମଗ୍ରବିଶ୍ୱ ସମ୍ମୁଖୀନ ହେଉଥିବା ସାମାଜିକ, ଧାର୍ମିକ, ଅର୍ଥନୈତିକ ଏବଂ ନୈତିକ ସମସ୍ୟାଗୁଡିକ ସମ୍ବନ୍ଧରେ ସଚେତନ କରାଇବା ଜରୁରୀ ଅଟେ ।

## ୨.୨.୮. ଜାତୀୟ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମ୍ପ୍ରତିକ ଚିନ୍ତନ ଏବଂ ପ୍ରଥା

ଜାତୀୟ ପାଠ୍ୟକ୍ରମ ଢାଞ୍ଚା (NCF) ୨୦୦୫ ସାମାଜିକ ବିଜ୍ଞାନର ଏକ ବିସ୍ତୃତ ଯୋଜନାର ରୂପରେଖ ପ୍ରଦାନ କରିଛି । ସାମାଜିକ ବିଜ୍ଞାନ ଇତିହାସ, ଭୂଗୋଳ ରାଜନୀତିବିଜ୍ଞାନ, ଅର୍ଥନୀତି, ସମାଜଶାସ୍ତ୍ର ଏବଂ ନୃବିଜ୍ଞାନରୁ ଉଦ୍ଧୃତ ବ୍ୟାପକ ପ୍ରସଙ୍ଗଗୁଡିକ ସଂପୃକ୍ତ କରିବା ସହିତ ସମାଜର ବିଭିନ୍ନ ସମସ୍ୟାଗୁଡିକ ଉପରେ ଗୁରୁତ୍ୱାରୋପ କରେ । ପାଠ୍ୟକ୍ରମର ଉଦ୍ଦେଶ୍ୟ ସୁପରିଚିତ ସାମାଜିକ ବାସ୍ତବତା ସଂକ୍ରାନ୍ତରେ ବ୍ୟାପକ ଅନୁସନ୍ଧାନ ଏବଂ ପ୍ରଶ୍ନ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ସଚେତନ କରାଇବା । ଏହାର ଉଦ୍ଦେଶ୍ୟ ଶିକ୍ଷାର୍ଥୀମାନଙ୍କୁ ସାମାଜିକ, ସାଂସ୍କୃତିକ ଏବଂ ବିଶ୍ଳେଷଣାତ୍ମକ କୌଶଳପ୍ରଦାନ କରିବା ପରି ବର୍ଦ୍ଧିତ ପରସ୍ପର ନିର୍ଭରଶୀଳ ବିଶ୍ୱ ସହ ଖାପଖୁଆଇ ଚଳିବା ପାଇଁ ଏବଂ ବାସ୍ତବିକ ରାଜନୈତିକ ଏବଂ ଅର୍ଥନୈତିକ ବୁଝାମଣା ସହ ଖାପଖୁଆଇବା ପାଇଁ । NCF ୨୦୦୫ ଅନୁସାରେ ସାମାଜିକ ବିଜ୍ଞାନ "ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସ୍ୱତନ୍ତ୍ରତା, ବିଶ୍ୱାସ, ପାରସ୍ପରିକ ସମ୍ମାନ ନାମକ ସୁଦୃଢ ମାନବିକ ମୂଲ୍ୟବୋଧ ସୃଷ୍ଟିକରିବା ଏବଂ ଶିକ୍ଷାର୍ଥୀମାନଙ୍କ ଠାରେ ସମାଲୋଚନାତ୍ମକ ନୈତିକ ଏବଂ ମାନସିକ ଶକ୍ତି ବିକାଶ କରି ସେମାନଙ୍କୁ ଉକ୍ତ ମୂଲ୍ୟବୋଧଗୁଡିକୁ ଡରାଇ ପ୍ରଭାବିତ କରୁଥିବା ସାମାଜିକ ଶକ୍ତି ପ୍ରତି ସାବଧାନ କରାଇବାର ଦାୟିତ୍ୱ ବହନ କରେ ।"

ସାମାଜିକବିଜ୍ଞାନ ବର୍ତ୍ତମାନସୁଦ୍ଧା ବିକାଶଶୀଳ ପ୍ରସଙ୍ଗ ପ୍ରତି ଗୁରୁତ୍ୱାରୋପ କରିଆସୁଛି । NCF, ୨୦୦୫ ଲେଖିଛି, "ଏଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ସମାନତା, ନ୍ୟାୟ ଏବଂ ସମାଜରେ ମର୍ଯ୍ୟାଦା ଏବଂ ରାଜନୀତି ଭଳି ଆଦର୍ଶ ପ୍ରବର୍ତ୍ତକ ପରିସର ଗୁଡିକ ବୁଝିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ବ୍ୟକ୍ତିମାନଙ୍କର ଏହି ବିକାଶ ପାଇଁ ଯୋଗଦାନର ଭୂମିକାକୁ ଅଧିକାଂଶ କ୍ଷେତ୍ରରେ ବେଶୀ ଗୁରୁତ୍ୱ ଦିଆଯାଇଛି ।

ଟିପ୍ପଣୀ

"ନାଗରିକଶାସ୍ତ୍ର" "ବଦଳରେ ରାଜନୀତି ବିଜ୍ଞାନ" ପଦ ବ୍ୟବହାର ପାଇଁ ସୁପାରିଶ କରାଯାଇଥିଲା । ନାଗରିକ ଶାସ୍ତ୍ର ଭାରତୀୟରାଜାଙ୍କ ପ୍ରତି ଭାରତୀୟମାନଙ୍କ ମଧ୍ୟରେ ବୃଦ୍ଧିପାଉଥିବା ଦୈତ ପୃଷ୍ଠଭୂମି ବିରୋଧରେ ଔପନିବେଶିକ ସମୟରେ ଭାରତୀୟ ବିଦ୍ୟାଳୟମାନଙ୍କରେ ଦେଖାଦେଇଥିଲା । ଆଜ୍ଞାଧିନତା ଏବଂ ଆନୁଗତ୍ୟ ପ୍ରତି ଗୁରୁତ୍ୱାରୋପ ନାଗରିକଶାସ୍ତ୍ରର ବୈଶିଷ୍ଟ୍ୟ ଥିଲା । ରାଜନୀତି ବିଜ୍ଞାନ ନାଗରିକ ସମାଜକୁ ଏପରି କ୍ଷେତ୍ରରୂପେ ବିବେଚନା କରିଥାଏ ଯାହା ସଂବେଦନଶୀଳ, ପ୍ରଶ୍ନାତ୍ମକ, ଅଧିକାରହୀନ ଏବଂ ପରିବର୍ତ୍ତନଶୀଳ ନାଗରିକମାନଙ୍କୁ ସୃଷ୍ଟି କରିଥାଏ ।" (NCF, ୨୦୦୫)

ସାମାଜିକ ବିଜ୍ଞାନର ପାଠ୍ୟସୂଚୀରେ ଜାତୀୟ ପରିପ୍ରେକ୍ଷଣ ସହିତ ସ୍ଥାନୀୟ ଅନୁଭୂତିର ସନ୍ତୁଳନ ରକ୍ଷା ଏବଂ ବିଶ୍ୱର ଅନ୍ୟପ୍ରାନ୍ତର ବିକାଶକୁ ପାଥେୟ କରି ଜାତୀୟ ଇତିହାସର ଶିକ୍ଷାର ଆବଶ୍ୟକତାକୁ ଅନୁଭୂତ କରାଗଲା । ଏହା ସ୍ଥାନୀୟ, ରାଷ୍ଟ୍ରୀୟ ଏବଂ ଦୁନିଆର ସ୍ଥିତି ଏବଂ ବିଚାରର ବ୍ୟାପକ ଦୃଶ୍ୟ ପଟ ସୃଷ୍ଟିକରିବ । ସମ୍ପ୍ରତି, ପାଠ୍ୟସୂଚୀ ସାମ୍ପ୍ରତିକ ଭାରତୀୟ ସମାଜ ଏବଂ ଜନସାଧାରଣମାନଙ୍କର ପ୍ରସଙ୍ଗ ଏବଂ ସମସ୍ୟା ଯଥା:- ମାନବାଧିକାର, ଅନ୍ତର୍ନିବେଶ, ପରିବେଶ ପ୍ରଦୂଷଣ, ଜନସଂଖ୍ୟା ସମସ୍ୟା, ଜାତୀୟ ଏକତା, ଦାରିଦ୍ର୍ୟ, ସାକ୍ଷରତା, ଶିଶୁ ଓ ଚୁକ୍ତିବଦ୍ଧଶ୍ରମିକ, ଏକାଧିକତ୍ୱ ଓ ପରିବର୍ତ୍ତନ, ଲିଙ୍ଗ, ଶ୍ରେଣୀ ଏବଂ ଜାତିଗତ ଏକତା ଆଦିରେ ବୁଝାମଣା କରାଇବା ପାଇଁ ବାଧ ଅଟେ । ଶିଶୁମାନଙ୍କର ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ବିଷୟଗୁଡ଼ିକ ଏବଂ ପରିବର୍ତ୍ତନ ଓ ବିକାଶ ସମୟରେ ସାମାଜିକ ଦୃଷ୍ଟିକୋଣ ଯାହା କୈଶୋର ଅବସ୍ଥାରେ ଘଟିଥାଏ ଯଥା :- ଅଭିଭାବକ, ସହପାଠୀବୃନ୍ଦ, ବିପରୀତ ଲିଙ୍ଗ ଏବଂ ସାଧାରଣତଃ କୈଶୋର ଦୁନିଆ ସହ ସଂପର୍କରେ ପରିବର୍ତ୍ତନ ଭଳି ବିଷୟଗୁଡ଼ିର ପ୍ରତି ଦୃଷ୍ଟିଦେବା ଆବଶ୍ୟକ ଅଟେ । ବିଶ୍ୱ ପ୍ରତିଯୋଗିତାର ଆହ୍ୱାନକୁ ସମ୍ମୁଖୀନ କରିବା ପାଇଁ ପାଠ୍ୟସୂଚୀ ଏକ ମାନକ ସୃଷ୍ଟିକରିବା ଆବଶ୍ୟକ ।

ଉଚ୍ଚ ପ୍ରାଥମିକ ସ୍ତରରେ "ଇତିହାସ କୌଣସି ଘଟଣାର ଭାଗ ବା ବିଶ୍ୱର ଅନ୍ୟପ୍ରାନ୍ତରେ ବିକାଶ ସହିତ ଭାରତର ବିଭିନ୍ନ ପ୍ରାନ୍ତର ବିକାଶକୁ ଦୃଷ୍ଟି ଦେଇଥାଏ । ଭୂଗୋଳ ପରିବେଶ, ସମ୍ବଳ ଏବଂ ସ୍ଥାନୀୟଠାରୁ ବିଶ୍ୱପର୍ଯ୍ୟନ୍ତ ବିଭିନ୍ନସ୍ତରର ବିକାଶ ସହଜଡିତ ସମସ୍ୟା ଗୁଡ଼ିକର ଏକ ସନ୍ତୁଳନ ପରିପ୍ରେକ୍ଷଣରେ ସାହାଯ୍ୟ କରିପାରେ । ରାଜନୀତି ବିଜ୍ଞାନରେ ଶିକ୍ଷାର୍ଥୀମାନେ ସ୍ଥାନୀୟ, ରାଜ୍ୟ ଏବଂ ଜାତୀୟ ସ୍ତରରେ ସରକାର ଗଠନ ଓ ତା'ର କାର୍ଯ୍ୟଧାରା ଏବଂ ଗଣତାନ୍ତ୍ରିକ ଉପାୟରେ ଅଂଶଗ୍ରହଣର ପରିଚୟ ପାଇଥାନ୍ତି । ଅର୍ଥନୈତିକ ଉପାଦାନ ଶିକ୍ଷାର୍ଥୀମାନଙ୍କୁ ଅର୍ଥନୈତିକ ଅନୁଷ୍ଠାନ ଯଥା - ପରିବାର, ବଜାର ଏବଂ ରାଜ୍ୟ ସମ୍ବନ୍ଧରେ ଜାଣିବା ପାଇଁ ସକ୍ଷମ କରାଇଥାଏ । ଏପରି ଏକ ଅନୁଭାଗ ମଧ୍ୟ ରହିଛି ଯାହାକି ଏହି ବିଷୟ ଗୁଡ଼ିକପାଇଁ ବହୁଆୟାମୀ ଦୃଷ୍ଟିକୋଣ ସୂଚାଇବ ।"

**(NCF, ୨୦୦୫)**

ବର୍ତ୍ତମାନର ପାଠ୍ୟସୂଚୀ, ପାଠ୍ୟପୁସ୍ତକଗୁଡ଼ିକର ମନୋଭାବ କେବଳ ଉପଦେଶାତ୍ମକରୁ ଅଧିକତର ସୂଚନାତ୍ମକକୁ ପରିବର୍ତ୍ତନ କରିବାର ପ୍ରୟାସ କରୁଛି । ଶିକ୍ଷାଦାନ ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ଏବଂ କୌଶଳର ଆହରଣ ନିମନ୍ତେ ସାହାଯ୍ୟ କରିବା ପାଇଁ ପୁନଃସତେଜତାର ଆବଶ୍ୟକତା ରହିଛି । ସାମାଜିକ ବିଜ୍ଞାନ ସୃଜନଶୀଳତା, ସୌନ୍ଦର୍ଯ୍ୟ ବିଷୟକ ଏବଂ ସମାଲୋଚନାତ୍ମକ ପରିପ୍ରେକ୍ଷଣ ଆଦିକୁ ପ୍ରୋତ୍ସାହିତ କରିବା ଭଳି ପଠନମାର୍ଗ ଆପଣେଇବା ଉଚିତ ଏବଂ ବିଦ୍ୟାର୍ଥୀମାନଙ୍କୁ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଥିବା ସଂପର୍କକୁ ଆକର୍ଷିତ କରିବା ପାଇଂ ସକ୍ଷମ କରିବା ଉଚିତ । ସମସ୍ୟା ସମାଧାନ, ନାଟକୀୟ ରୂପାନ୍ତରଣ, ଏବଂ ଭୂମିକା ଅଭିନୟ ଆଦି କେତେକ ବର୍ତ୍ତମାନ ସୁଦ୍ଧା ଅବିକଶିତ କୌଶଳ ଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ପାରିବ । ଶିକ୍ଷାରେ ବିଭିନ୍ନ ଆଲୋକଚିତ୍ର, ଚାର୍ଟ ଏବଂ ମାନଚିତ୍ର ଏବଂ ପ୍ରତ୍ନତାତ୍ତ୍ୱିକ ଓ ଭୌତିକ ସଂସ୍କୃତିର ପ୍ରତିଛବି ଭଳି ଦୃଶ୍ୟ - ଶ୍ରାବ୍ୟର ଉଚ୍ଚତର ଉତ୍ସଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ ଅଟେ । ଶିକ୍ଷାଦାନ ପଦ୍ଧତିକୁ ଅଧିକ ସହଭାଗୀ କରିବା ପାଇଁ କେବଳ ସୂଚନା ପ୍ରଦାନରୁ ଏହାକୁ ବକ୍ତୃତା ଏବଂ ଆଲୋଚନାକୁ ପରିବର୍ତ୍ତନ କରିବା ଆବଶ୍ୟକ । ବାସ୍ତବିକ ସମାଜରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ଏହି ମାର୍ଗ ଉଜ୍ଜିବିତ ରଖିବ ବୋଲି ଆଶାକରାଯାଏ । ଶିକ୍ଷଣ ପାଇଁ ଦୃଷ୍ଟିକୋଣକୁ ଶିକ୍ଷକ ବାସ୍ତବିକ ସମାଜର ବିଭିନ୍ନ ପରିସରକୁ ଶ୍ରେଣୀଗୃହରେ ଆଲୋଚନା କରିବା ଆବଶ୍ୟକ

ଅଟେ ଏବଂ ସେମାନଙ୍କ ମଧ୍ୟରେ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସ୍ୱସଚେତନା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ।

**କ୍ରିୟାକଳାପ - ୫**

୧. ଭାରତ ଏବଂ ଦକ୍ଷିଣ ଆଫ୍ରିକାର ସାମାଜିକ ବିଜ୍ଞାନ ପାଠ୍ୟସୂଚୀରେ ଥିବା ସମାନତାକୁ ଦର୍ଶାଅ ଏବଂ ସମାନ ଉପାଦାନ ଓ ସମସ୍ୟା ଗୁଡିକୁ ସୂଚାଅ ।

୨. ଭାରତରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ତୁମେ କେଉଁ ପ୍ରସଙ୍ଗ ଏବଂ ସମସ୍ୟାଗୁଡିକ ସାମିଲ ହେବା ଉଚିତ ବୋଲି ଭାବୁଛ ତାହାର ଏକ ତାଲିକା ପ୍ରସ୍ତୁତ କର ।

୩. ଭାରତର ସାମାଜିକ ବିଜ୍ଞାନ ପାଠ୍ୟସୂଚୀରେ କ'ଣ ସବୁ ନୂତନ ଶିକ୍ଷଣମାର୍ଗ ରହିଅଛି ।

**ନିଜ ଅଗ୍ରଗତି ଆକଳନ :-୪**

୧. ଅଧିକାଂଶ ଦେଶରେ ଦେଖାଯାଉଥିବା ସାଧାରଣ ସମସ୍ୟା ଗୁଡିକର ତାଲିକା ପ୍ରସ୍ତୁତ କର ।

-----------------------------------------------------------------------

-----------------------------------------------------------------------

-----------------------------------------------------------------------

----------------------------------------------

୨. ଦକ୍ଷିଣଆଫ୍ରିକା ପାଠ୍ୟସୂଚୀ ଅଧ୍ୟୟନର ସାମାଜିକ ବିଜ୍ଞାନ ଶିକ୍ଷଣ କ୍ଷେତ୍ରଗୁଡିକ କ'ଣ ?

-----------------------------------------------------------------------

-----------------------------------------------------------------------

-----------------------------------------------------------------------

----------------------------------------------

୩. NCF, ୨୦୦୫ ନଗର ବିଜ୍ଞାନ ପରିବର୍ତ୍ତେ କେଉଁ ନାମ ଦେବାପାଇଁ ପ୍ରସ୍ତାବ ଦେଇଛନ୍ତି ?

-----------------------------------------------------------------------

-----------------------------------------------------------------------

-----------------------------------------------------------------------

----------------------------------------------

୪. NCF, ୨୦୦୫ ଅନୁସାରେ, ବର୍ତ୍ତମାର ପାଠ୍ୟସୂଚୀ ପାଠ୍ୟପୁସ୍ତକର ଅବଧାରଣାକୁ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେଇଛି । ଏଥିରେ କେଉଁ ସବୁ ପରିବର୍ତ୍ତନ ପାଇଁ ସୁପାରିଶ କରାଯାଇଛି ?

## ୨.୩. ସାରାଂଶ

ବର୍ଷ ବର୍ଷ ଧରି ସାମାଜିକ ବିଜ୍ଞାନ ପାଠ୍ୟକ୍ରମ / ପାଠ୍ୟସୂଚୀର ଧାରଣା/ ପ୍ରସଙ୍ଗ, ବିକାଶ ଏବଂ ରୂପାନ୍ତରଣକୁ ଅଧିକାଂଶ ବିକାଶ ପ୍ରକ୍ରିୟା ଏବଂ ପ୍ରଭାବ ଯୋଗଦାନ କରିଆସିଛି । ଉପନିବେଶବାଦ ସମୟରେ ସାମାଜିକ ବିଜ୍ଞାନକୁ ଏକ ବିଷୟ ଭାବେ ସମାଜରେ ପରିଚୟ କରାଯାଇଥିଲା ଏବଂ ଏହି ସମୟରେ  ହୋଇଥିବା ଅଧିକାଂଶ ବିକାଶ ଏହାର ପାଠ୍ୟକ୍ରମ ଉପରେ ପ୍ରଭାବ ପକାଇଥିଲା । ଏହି ସମୟରେ ହୋଇଥିବା ବିକାଶ ଦ୍ୱାରା ସାମାଜିକ ବିଜ୍ଞାନର ପାଠ୍ୟକ୍ରମ ପ୍ରଭାବିତ ହୋଇ ବିଭିନ୍ନ ପ୍ରସଙ୍ଗ ଯଥା ଭାରତର ଇତିହାସ, ଭାରତୀୟ ଉପ - ମହାଦ୍ୱୀପର ସର୍ବେକ୍ଷଣ, ଭାରତ ଜନସଂଖ୍ୟାରେ ଗଣନା, ଶିକ୍ଷାର ଇଂରାଜୀ ବ୍ୟବସ୍ଥାର ଉପକ୍ରମ ଇତ୍ୟାଦି ଲେଖାଯାଇଥିଲା । ଭାରତୀୟ ଇତିହାସ, ସଂସ୍କୃତି ଓ ସମାଜ ଏବଂ ଉଉରୋପ ସଂସ୍କୃତିର ଉତ୍କର୍ଷରେ ନକାରାତ୍ମକ ବିଷୟଗୁଡିକର ଅତିରଞ୍ଜିତ କରିବା ଦ୍ୱାରା ବ୍ରିଟିଶମାନେ ଏକ ସଭ୍ୟ/ ଶିକ୍ଷିତ ଭାବେ ବଳ ପ୍ରୟୋଗ କରି

ଟିପ୍ପଣୀ

ଭାରତରେ ସେମାନଙ୍କର ନୀତି ନିୟମକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ଉପନିବେଶବାଦ ସମୟରେ ବ୍ରିଟିଶ୍‌ଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟସୂଚୀ ସ୍ଥାନରେ ବିକଳ୍ପ ଧାରଣାଗୁଡିକରେ ରାଷ୍ଟ୍ରବାଦୀ କର୍ତ୍ତାମାନେ ପରିବର୍ତ୍ତନ କରିବା ସହିତ ସାମାଜିକ ବିଜ୍ଞାନ ପାଠ୍ୟସୂଚୀର ପରିବର୍ତ୍ତନରେ ମଧ୍ୟ ସଫଳତା ପାଇଥିଲେ ।

ସ୍ୱାଧୀନତାପରେ ଭାରତର ସମ୍ବିଧାନରେ ନୂତନ ମୂଲ୍ୟବୋଧ ଏବଂ ଉଚ୍ଚାକାଂକ୍ଷା ପ୍ରତିଫଳିତ ହୋଇଥିଲା । ମୂଲ୍ୟବୋଧ ଯଥା ସମାଜବାଦ, ଧର୍ମନିରପେକ୍ଷତା, ସ୍ୱତନ୍ତ୍ରତା, ସମାନତା, ନ୍ୟାୟ ଏବଂ ଭ୍ରାତୃତ୍ୱ ଇତ୍ୟାଦି ନୂତନ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସ୍ଥାନ ପାଇଲା । ନୂତନ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ମଧ୍ୟ ବିଭିନ୍ନ ସମସ୍ୟା ଏବଂ ବିଷୟ ଯଥା ବିଭିନ୍ନତା, ରାଷ୍ଟ୍ରୀୟ ଏକତା, ଅନ୍ତର୍ଜାତୀୟ ବୁଝାମଣା, ପରିବେଶ, ବିକାଶ ଇତ୍ୟାଦିକୁ ସ୍ଥାନ ଦେଇଛି । ନିମ୍ନ ପଦସ୍ଥ, ଲିଙ୍ଗ, ଜାତି ଏବଂ ଜନଜାତି ପରିପ୍ରେକ୍ଷଣ ମଧ୍ୟ ଭାରତୀୟ ସମାଜର ବିଜ୍ଞାନ ପାଠ୍ୟକ୍ରମର କ୍ଷେତ୍ରରେ କ'ଣ ଘଟୁଛି ତାହା ବିଷୟରେ ଅବଗତ କରାଉଛି । ଏହାକୁ ଦେଖିବା ହେଉଛି ଏକ ମନୋହର / ଆକର୍ଷଣୀୟ ବିଷୟ ଏହି କି ଯେ ଦୁଇଟି ବହୁଳବାଦୀ ଦେଶର ସାମାଜିକ ବିଷୟଗୁଡିକ କେତେ ମାତ୍ରାରେ ସଦୃଶ ଏବଂ ସେହି ବିଷୟଗୁଡିକ ଉଭୟ ଦେଶରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କିପରି ସ୍ଥାନ ପାଇଛି । ଆମ ଭାରତର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ବର୍ତ୍ତମାନ ରାଷ୍ଟ୍ରୀୟ ସମସ୍ୟାଗୁଡିକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆମ ସମାଜ ସମ୍ପର୍କରେ ବୁଝାମଣା ଏବଂ ଜ୍ଞାନର ନିର୍ମାଣ କରିବା ପାଇଁ ନୂତନ ଶିକ୍ଷଣ-ଶିକ୍ଷାଦାନ ପ୍ରଣାଳି ଉପରେ ଗୁରୁତ୍ୱ ଦେଉଛି ।

## ୨.୪. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ପ୍ରଶ୍ନ - ୧ ର ଉତ୍ତର

୧. ଜେମ୍ସ ମିଲ୍

୨. ଜେମ୍ସ ପ୍ରିନ୍‌ସେପ୍

୩. ଦେଶକୁ ଆବିଷ୍କାର କରିବା ଏବଂ ମାନଚିତ୍ରରେ ଦର୍ଶାଇବା ।

୪. ବରୋଦାର ମହାରାଜା ଶିବାଜୀ ରାଓ ଗାଏକ୍‌ୱାଡ୍

ପ୍ରଶ୍ନ - ୨ ର ଉତ୍ତର

୧. ଗଣତନ୍ତ୍ର, ଧର୍ମନିରପେକ୍ଷବାଦ, ସମାଜବାଦ, ସ୍ୱତନ୍ତ୍ରତା, ସମାନତା, ନ୍ୟାୟ ଏବଂ ଭ୍ରାତୃତ୍ୱ / ଭ୍ରାତୃଭାବ ।

୨. ମାଧ୍ୟମିକ ଶିକ୍ଷା ଆୟୋଗ, ୧୯୪୮-୪୯) (Secondary Education Commission, 1948 -49)

୩. ଜାତୀୟ ଶିକ୍ଷାନୀତି, ୧୯୮୬ (National Policy on Education, 1986)

୪. UNO, UNESCO, UNICEF etc,

ପ୍ରଶ୍ନ - ୩ର ଉତ୍ତର

୧. ନିମ୍ନ ପଦସ୍ଥର ଅର୍ଥ ହେଉଛି ଅବହେଳିତ ଏବଂ ଦଳିତ ଲୋକ ।

୨. ସାନ୍ତାଳ ବିଦ୍ରୋହ (୧୮୫୫) / ଚମ୍ପାରଣ ସତ୍ୟାଗ୍ରହ (୧୯୧୭ - ୧୮)/ ବରଡୋଲୀ ସତ୍ୟାଗ୍ରହ (୧୯୨୮)

୩. ମହିଳା ଜନଜାତି

ପ୍ରଶ୍ନ - ୪ ଉତ୍ତର

୧. ପରିବେଶ, ବାଣିଜ୍ୟ ଓ ବ୍ୟବସାୟ, ମାନବ ଅଧିକାର, ସମାନତା ଇତ୍ୟାଦି ।

୨. ସାମାଜିକ ବିଜ୍ଞାନ ଶିକ୍ଷଣ କ୍ଷେତ୍ର ଲୋକମାନଙ୍କ ମଧ୍ୟରେ ଥିବା ସମ୍ପର୍କ, ଲୋକମାନଙ୍କର ପରିବେଶ ସହିତ ଥିବା ପ୍ରଭାବ ଏବଂ ଲୋକମାନଙ୍କର ମନୋବୃତ୍ତି, ମୂଲ୍ୟବୋଧ ଏବଂ ବିଶ୍ୱାସ ଇତ୍ୟାଦିକୁ ଅଧ୍ୟୟନ କରିଥାଏ ।

୩. ରାଜନୀତି ବିଜ୍ଞାନ

୪. ପାଠ୍ୟପୁସ୍ତକ ସାଧାରଣତଃ ଅନୁଦେଶାତ୍ମକରୁ ଅଧିକ ସୂଚନାତ୍ମକକୁ ପରିବର୍ତ୍ତନ ହେବା ଆବଶ୍ୟକ ।

ଟିପ୍ପଣୀ

## ୨.୫. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


- Department of Education, Pretoria, South Africa (2002), Revised National Curriculum Statement Grades R - 9 (schools), Social Science.
- His eastern and Western Disciples (2000). life of Swami Vibekananda, 2 Vols, (Calcutta : Advaita Ashrama).
- National Policy on Education, 1986.
- NCERT (2005) National Curriculum Frqamework 2005, New Delhi : NCERT.
- Seneviratna, Anuradha, (1994), King Asoka and Buddhism, Knndy, Sri Lanka: Buddhist Publication Society.
- Census of India, 2011.
- http: //asi,nic. in / asi - aboutus - history. asp
- http://www.nlm.nic.in/literacy 01 -n/m.htm
- http:// www.censusindia.gov.in
- Thomas Babington Macaulay, " Mintute on Education" in Through Indian Eyes : The Liring Tradition, Donald, Johnson, etal. (New York : CITE Books, 1992)


## ୨.୬ ପାଠାନ୍ତ ପ୍ରଶ୍ନାବଳୀ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. ଔପନିବେଶିକ ସମୟରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମକୁ ପ୍ରଭାବିତ କରୁଥିବା ବିଭିନ୍ନ ବିକାଶଗୁଡ଼ିକ ବିଷୟରେ ବର୍ଣ୍ଣନା କର ।

୨. ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସଂପୃକ୍ତ ବିଭିନ୍ନ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଧାରଣାଗୁଡ଼ିକ ବିଷୟରେ ବର୍ଣ୍ଣନା କର ।

୩. ନିମ୍ନପଦସ୍ଥ ପରିପ୍ରେକ୍ଷଣକୁ ତୁମେ କାହିଁକି ଗ୍ରହଣ କରୁଛ ?

୪. ଭାରତରେ ମହିଳାମାନଙ୍କର ଭୂମିକା / ସ୍ଥିତି କ'ଣ ? ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କେଉଁ ଲିଙ୍ଗଗତ ସମସ୍ୟା ଏବଂ ବିଷୟ ସମ୍ପର୍କରେ ଆଲୋଚନା କରାଯାଇଛି ।

୫. ଏକା ସମୟରେ ଜନଜାତି ସଂସ୍କୃତିକୁ ସାଇତି ରଖିବା ସହିତ ସେମାନଙ୍କର ସମାଜ (ପରିସର)କୁ ପରିବର୍ତ୍ତନ କରି ହେବ ବୋଲି ତୁମ ଚିନ୍ତା କରି ପାରୁଛ କି ?

୬. ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ପାଇଁ ରାଷ୍ଟ୍ରୀୟ ଏକତାର ପ୍ରୟୋଗ ଏବଂ ଆନ୍ତର୍ଜାତିକ ବୁଝାମଣାଗୁଡ଼ିକ କ'ଣ ?

୭. ଦକ୍ଷିଣ ଆଫ୍ରିକାର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କେଉଁ କେଉଁ ମୂଲ୍ୟବୋଧ ଏବଂ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି ? ଭାରତ ପାଇଁ ସେହି ମୂଲ୍ୟବୋଧ ଏବଂ ବିଷୟଗୁଡ଼ିକର କୌଣସି ଗୁରୁତ୍ୱ ଅଛି କି ?

୮. ଭାରତର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ କେଉଁ ମୂଲ୍ୟବୋଧଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ମଧ୍ୟରେ ଅନ୍ତର୍ନିବିଷ୍ଟ କରିବା ପାଇଁ ଉଦ୍ୟମ କରାଯାଇଛି ?

୯. ଭାରତରେ ସାମାଜିକ ବିଜ୍ଞାନ ଶିକ୍ଷଣ ଶିକ୍ଷାଦାନର ନୂତନ ପ୍ରଣାଳୀଗୁଡ଼ିକ ବିଷୟରେ ବର୍ଣ୍ଣନା କର ।